



# ଲକ୍ଷାଧିକ ଭକ୍ତଙ୍କ ଜୟଧ୍ୱନିରେ ଇମାମି ନଗରରେ ଶେଷ ହେଲା ବାହୁଡ଼ା ଯାତ୍ରା

## ରସଗୋଲା ଭୋଗ ଓ ନୀଳାଦ୍ରି ବିଜେରେ ହେଲା ପୂର୍ଣ୍ଣାହୁତି

ବାଲେଶ୍ୱର(ନି.ପ୍ର.) ଶ୍ରଦ୍ଧା ଓ ଭକ୍ତିର ଅପୂର୍ବ ମିଳନ ମଧ୍ୟରେ ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ୍ ଅନ୍ତର୍ଗତ ବାଲଗୋପାଳପୁର ଶିଳ୍ପାଂଚଳର ଇମାମି ନଗରେ ଶୁକ୍ରବାର ଶ୍ରୀଜଗନ୍ନାଥଙ୍କ ପବିତ୍ର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଲକ୍ଷାଧିକ ଭକ୍ତଙ୍କ ଉପସ୍ଥିତିରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ରଥ ଭକ୍ତିର ଦଉଡ଼ିରେ ଟଣା ହୋଇ ଶ୍ରୀମନ୍ଦିର ଅଭିମୁଖେ ଗତି କରିଥିଲା ।ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରଥମେ ଆଜ୍ଞାମାଳ ଅର୍ପଣ ହୋଇଥିଲା । ପରେ ମଙ୍ଗଳାର୍ପଣ, ଧାଡ଼ି ପହଣ୍ଡି, ଟାହିଆ ଲାଗି ଓ ଅନ୍ୟାନ୍ୟ ଶାସ୍ତ୍ରୋକ୍ତ ନୀତି ସମ୍ପନ୍ନ ହୋଇଥିଲା । ଇମାମି ପେପର ମିଲ୍ସର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁଶୀଲ କୁମାର ଖେତାନ ପାରମ୍ପରିକ ଛେରା ପହଁରା କରି ରଥ ପରିଷ୍କାର କରିଥିଲେ ।ସନ୍ଧ୍ୟାରେ ଭକ୍ତମାନଙ୍କ ଉତ୍ସାହ ଶିଖରରେ ପହଂଚିଥିଲା । ରାତି ୯ଟାରେ ଅଧରପଣା ନୀତି ଶେଷ ହେବା ପରେ ପୌରାଣିକ ପରମ୍ପରା ଅନୁଯାୟୀ ମା ଲକ୍ଷ୍ମୀଙ୍କ ଅଭିମାନକୁ ନେଇ ଲକ୍ଷ୍ମୀ ନାରାୟଣ କଳହ ନୀତି ଅନୁଷ୍ଠିତ ହୋଇଥିଲା । ଏହା ପରେ ମହାପ୍ରଭୁଙ୍କୁ ରସଗୋଲା ଭୋଗ ଲାଗି କରାଯାଇ ଭକ୍ତମାନଙ୍କ ମଧ୍ୟରେ ବଂଟନ କରାଯାଇଥିଲା । ରାତି ୧୦ଟାରେ ନୀଳାଦ୍ରି ବିଜେ ନୀତି ସହ ଏବର୍ଷର ରଥଯାତ୍ରାର ଶୁଭ ସମାପନ ଘୋଷଣା କରାଯାଇଥିଲା । ମନ୍ଦିର ପ୍ରଶାସନର ମୁଖ୍ୟ ପୁରୋଧା ଶ୍ରୀ ସୁଶୀଲ ଗୋଏଙ୍କାଙ୍କ ତତ୍ତ୍ୱାବଧାନରେ ଏବଂ ଇମାମି ପେପର ମିଲ୍ସ ଲେଡିଜ୍ କ୍ଲବ୍ ଓ ରଥଯାତ୍ରା କମିଟିର ସହଯୋଗରେ ସମଗ୍ର ଉତ୍ସବ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଥିଲା । କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉତ୍ସବ ପରିଚାଳନାରେ ସକ୍ରିୟ ଭୂମିକା ନିଭାଇଥିଲେ ।ଏହି ଅବସରରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପଜିଲ୍ଲାପାଳ ଶ୍ରୀ ମାଲବିୟା, ନୀଳଗିରି ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ରେମୁଣା ବିଧାୟକ ତଥା ଓଡ଼ିଶା ବିଧାନସଭାର ଉପମୁଖ୍ୟ ସଚେତକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ, ଡ଼ା. ଲେଖାଶ୍ରୀ ସମନ୍ତ ସିଂହାର, ପୂର୍ବତନ ବିଧାୟକ ଶ୍ରୀ ପ୍ରଦୀପ୍ତ ପଣ୍ଡା ଓ ଶ୍ରମିକ ନେତା ଶ୍ରୀ ଶୁଭେନ୍ଦୁ ମଙ୍ଗରାଜ ପ୍ରମୁଖ ଯୋଗଦେଇ ଦର୍ଶନ କରିଥିଲେ । ଉତ୍ସବକୁ ସଫଳ କରିବା ପାଇଁ ସହଯୋଗ କରିଥିବା ସମସ୍ତଙ୍କୁ ଇମାମି ପେପର ମିଲ୍ସର ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ଶ୍ରୀ ମନୋଜ କୁମାର ପାଢ଼ୀ ଧନ୍ୟବାଦ ଜଣାଇଥିଲେ । କମ୍ପାନୀ ପକ୍ଷରୁ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ବଂଟନ ଓ ମାଗଣା ସ୍ୱାସ୍ଥ୍ୟ ସେବାର ବ୍ୟବସ୍ଥା



କରାଯାଇଥିଲା । ଉଲ୍ଲେଖଯୋଗ୍ୟ, ନଅ ଦିନ ଧରି ଚାଲିଥିବା ଏହି ରଥଯାତ୍ରା ଉତ୍ସବରେ ପ୍ରତିଦିନ ସନ୍ଧ୍ୟାରେ ବୃନ୍ଦାବନର ପ୍ରସିଦ୍ଧ କଳାକାରମାନଙ୍କ ଦ୍ୱାରା ରାସଲୀଳା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଭକ୍ତମାନଙ୍କୁ ଆଧାତ୍ମିକ ଆନନ୍ଦ ପ୍ରଦାନ କରିଥିଲା ।

# ବାହୁଡ଼ିଲେ ଶ୍ରୀ ଜୀଉ: ପ୍ରବଳ ବର୍ଷା ସତ୍ତ୍ୱେ ମହିଳାଙ୍କ ହାତରେ ଦେବୀ ସୁଭଦ୍ରାଙ୍କ ରଥଦଉଡ଼ି

ବାଲେଶ୍ୱର (ନି.ପ୍ର.): ଶନିବାର ପ୍ରବଳ ବର୍ଷା ସତ୍ତ୍ୱେ ବାଲିଘାଟ ରଥଯାତ୍ରାର ପହଣ୍ଡି ବଇଁଚା ଦୁର୍ଗାମନ୍ଦିର ମାଉସୀମା ମନ୍ଦିରରୁ ଶେଷ କରି ସମସ୍ତ ନୀତିକାନ୍ତ ସରିବା ପରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥାରୂଢ଼, ପ୍ରସାଦ ବିତରଣ ଏବଂ ଦେବୀ ସୁଭଦ୍ରାଙ୍କ ରଥ ମହିଳାମାନଙ୍କ ଦ୍ୱାରା ଟଣାଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟାସୁଦ୍ଧା ଶ୍ରଦ୍ଧାଳୁମାନେ ତିନି ଦିଅଁଙ୍କ ରଥକୁ ଟାଣିଥିବା ବେଳେ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ବାଲିଘାଟ ମନ୍ଦିର ନିକଟରେ ପହଂଚାଇଥିଲେ । ଏହାପରଠୁଁ ସୁନାବେଶ ଆରମ୍ଭ କରାଯିବାର ନିଷ୍ପତି ହୋଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଧ୍ରୁବ ଚନ୍ଦ୍ର ରଣା, ଆଶ୍ରିତା ତରେଇ, ମୀନା ମହାନ୍ତି, ଯୋଗେନ୍ଦ୍ର ସାହୁ, ବିଧାୟକ ମାନସ ଦତ, ହରେନ ରଣା, କାଉନସିଲର ମୀନା ମହାନ୍ତି, ହରେନ ଚନ୍ଦ୍ର ରଣା, ଗଗନ ରାଉତ, ଅର୍ଚ୍ଚନା ନନ୍ଦୀ,







ଆଶ୍ରିତା ତରେଇ, ସୁବୋଧ ମହାନ୍ତିଙ୍କ ସମେତ ସୁଶାନ୍ତ ତରେଇ, କାଜଲ ରଣା ପ୍ରମୁଖ ବାଲିଘାଟ ସୁରକ୍ଷା କମିଟିର ଅନ୍ୟାନ୍ୟ କର୍ମକର୍ତା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ଶ୍ରୀମନ୍ଦିରକୁ ବାହୁଡ଼ିଲେ ଶ୍ରୀ ଜୀଉ

ବାଲେଶ୍ୱର (ନି.ପ୍ର.): ସେରଗଡ଼ ସାଆନ୍ତା ଗ୍ରାମରେ ମହାପ୍ରଭୁଙ୍କର ବାହୁଡ଼ା ଯାତ୍ରା ମହାସମାରୋହରେ ସମ୍ପନ୍ନ ହୋଇଛି । ଶ୍ରୀ ଜୀଉମାନଙ୍କୁ ରଥାରୂଢ଼ କରାଯାଇ ମାଉସୀମା ମନ୍ଦିରରେ ସମସ୍ତ ନୀତିକାନ୍ତ ଶେଷ କରିବା ପରେ ଶ୍ରଦ୍ଧାଳୁମାନେ ସୁସଜ୍ଜିତ ଶ୍ରୀ ଜୀଉଙ୍କ ରଥକୁ ମାଉସୀମା ମନ୍ଦିରକୁ ୧୯ ନଂ ଜାତୀୟ ରାଜପଥରେ ଟାଣିଟାଣି ଶ୍ରୀମନ୍ଦିରରେ ପହଂଚାଇଥିଲେ । ବିଶେଷକରି ଚଳିତ ବର୍ଷ ବାହୁଡ଼ାଯାତ୍ରାରେ ପୁରୁଷଙ୍କ ଅପେକ୍ଷା ବହୁ ସଂଖ୍ୟକ ମହିଳା ଓ ଛୋଟ ଛୋଟପିଲାମାନେ ଶ୍ରୀ ଜୀଉଙ୍କ ରଥକୁ ଟାଣୁଥିବା ପରିଲକ୍ଷିତ ହୋଇଥିଲା । ଭଜନ, କୀର୍ତନ ସାଙ୍ଗକୁ ପ୍ରସାଦ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମସ୍ତ କାର୍ଯ୍ୟକୁ କାହ୍ନୁ ଚରଣ ନନ୍ଦୀ,



କୃଷ୍ଣ ଚରଣ ନନ୍ଦୀ, କରୁଣାକର ବେହେରା, ବାଇନ ବେହେରା, ମହୀନ୍ଦ୍ର ମହାନ୍ତି, ଗଣେଶ ମହାନ୍ତି, କାର୍ତିକ ମହାନ୍ତି, ବଂଶୀଧର ଦାସ, କିଶୋର ଚନ୍ଦ୍ର ଦାସ, ସୁବ୍ରତ ଦାସ, ଲକ୍ଷ୍ମୀଧର ମଲ୍ଲିକ, ମହେଶ୍ୱର ମଲ୍ଲିକ, ତୁଙ୍ଗ ମହାନ୍ତି, ବିଚିତ୍ର ରଂଜନ ବିଶ୍ୱାଳ, ମିନାକ୍ଷୀ ନନ୍ଦୀ, ସ୍ନେହଲତା ନନ୍ଦୀ, ରଂଜିତା ନନ୍ଦୀ ପ୍ରମୁଖ ପରିଚାଳନା କରିଥିଲେ । ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ । ସେରଗଡ଼, ନୂଆଗାଁ, ବିରୁଆଁ, ପଂଚାୟତର ବହୁ ଭକ୍ତ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବିଶ୍ୱ ହେନ୍ତାଳ ବଣ ଦିବସ ପାଳିତ

ବାଲେଶ୍ୱର(ନି.ପ୍ର.) ଫକୀରମୋହନ ବିଶ୍ୱବିଦ୍ୟାଳୟରେ ହେନ୍ତାଳ ବଣ ଗବେଷଣା କେନ୍ଦ୍ର ଏବଂ ସ୍ନାତକୋତର ଉଦ୍ଭିଦ ବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ 'ବିଶ୍ୱ ହେନ୍ତାଳ ବଣ ଦିବସ-୨୦୨୬' ପାଳନ କରାଯାଇଥିଲା ।ୟୁନେସ୍କୋ ଦ୍ୱାରା ପ୍ରୋତ୍ସାହିତ ଅନ୍ତର୍ଜାତିକ ହେନ୍ତାଳ ବଣ ପରିବେଶର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ପାଳିତ ଏହି ଦିବସ ଅବସରରେ ଆୟୋଜିତ ସଭାରେ ଶିକ୍ଷାବିତ, ବୈଜ୍ଞାନିକ, ଗବେଷକ, ଛାତ୍ରଛାତ୍ରୀ ଓ ପରିବେଶ ସୁରକ୍ଷା ସହ ଜଡ଼ିତ ବିଭିନ୍ନ ବ୍ୟକ୍ତିବିଶେଷ ଯୋଗଦେଇ ହେନ୍ତାଳ ବଣ ସୁରକ୍ଷା ଓ ସଚେତନତା ବୃଦ୍ଧି ଉପରେ ମତବ୍ୟକ୍ତ କରିଥିଲେ ।ଏହି ଅବସରରେ ହେନ୍ତାଳ ବଣ ଗବେଷଣା କେନ୍ଦ୍ରର ଔପଚାରିକ ଶୁଭାରମ୍ଭ କରାଯାଇଥିଲା । ଉପକୂଳ ଅଂଚଳର ହେନ୍ତାଳ ବଣ ସୁରକ୍ଷା, ଜୈବବିବିଧତା ଦଲିଲୀକରଣ, ଅଣୁଜୀବ ସମ୍ବଳର ଅନୁସନ୍ଧାନ, ପରିବେଶ ପୁନରୁଦ୍ଧାର, ନୀଳ ଅଙ୍ଗାରକ





ସଂଚୟ ପ୍ରଣାଳୀ , ଜଳବାୟୁ ପରିବର୍ତନକୁ ସାମ୍ନା କରିବାର କ୍ଷମତା ବୃଦ୍ଧି, ଦକ୍ଷତା ବିକାଶ, ଜନସଚେତନତା ଏବଂ ଉପକୂଳ ଅଂଚଳର ସ୍ଥାୟୀ ପରିଚାଳନା ଆଦି ଦିଗରେ ଏହି କେନ୍ଦ୍ର କାର୍ଯ୍ୟ କରିବ । ବିଶ୍ୱବିଦ୍ୟାଳୟର କୁଳପତିପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ, ସେ ହେନ୍ତାଳ ବଣ ଗବେଷଣା କେନ୍ଦ୍ରର ଶୁଭାରମ୍ଭ ପାଇଁ ସମ୍ପୃକ୍ତ ଅଧ୍ୟାପକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଗବେଷଣା, ନବସୃଜନ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ଅଙ୍ଗୀକାରକୁ ଉଲ୍ଲେଖ କରି ସେ କହିଥିଲେ ଯେ, ଏହି କେନ୍ଦ୍ର ପୂର୍ବ ଭାରତରେ ହେନ୍ତାଳ ବଣ ଗବେଷଣାର ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ ପରିଚିତ ହେବ ।ପରିବେଶ ବିଜ୍ଞାନ ବିଭାଗର ପ୍ରଫେସର ତଥା ହେନ୍ତାଳ ବଣ ଗବେଷଣା କେନ୍ଦ୍ରର ସଂଯୋଜକ ପ୍ରଫେସର ରଣେନ୍ଦ୍ର କୁମାର ନାୟକ କେନ୍ଦ୍ରର ଲକ୍ଷ୍ୟ ଓ ଭବିଷ୍ୟତ କାର୍ଯ୍ୟଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ ।ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଉଦ୍ଭିଦ ବିଜ୍ଞାନ ବିଭାଗର ସହଯୋଗୀ ଅଧ୍ୟାପକ ତଥା କେନ୍ଦ୍ରର ପରାମର୍ଶଦାତା ପ୍ରଫେସର ଅନୀଲ କୁମାର ବିଶ୍ୱାଳ ବିଭିନ୍ନ ବିଷୟର ସମନ୍ୱିତ ଗବେଷଣା ଏବଂ ବିଶ୍ୱବିଦ୍ୟାଳୟ, ସରକାରୀ ଅନୁଷ୍ଠାନ ଓ ସ୍ଥାନୀୟ ଜନସମୁଦାୟ ମଧ୍ୟରେ ସହଯୋଗ ବୃଦ୍ଧିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ।ମୁଖ୍ୟ ବକ୍ତା ଭାବେ ଭାରତୀୟ ଉଦ୍ଭିଦ ସର୍ବେକ୍ଷଣ ସଂସ୍ଥାର ବୈଜ୍ଞାନିକ ଡ଼କ୍ଟର ସୀତାରାମ ପ୍ରସାଦ ପଣ୍ଡା ହେନ୍ତାଳ ବଣରେ ଥିବା ଉଦ୍ଭିଦର ବିବିଧତା, ପରିବେଶଗତ ଗୁରୁତ୍ୱ ଓ ସଂରକ୍ଷଣ ସମ୍ପର୍କରେ ଆଲୋଚନା କରି ବୈଜ୍ଞାନିକ ଦଲିଲୀକରଣ ଏବଂ ବାସସ୍ଥଳୀର ପୁନରୁଦ୍ଧାର ଉପରେ ଗୁରୁତ୍ୱ ଦେଇଥିଲେ ।ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରଓ୍ୱାଲା ସ୍ୱାଗତ ଭାଷଣ ଦେଇଥିବାବେଳେ, ସ୍ନାତକୋତର ଉଦ୍ଭିଦ ବିଜ୍ଞାନ ବିଭାଗର ସଂଯୋଜକ ତଥା ହେନ୍ତାଳ ବଣ ଗବେଷଣା କେନ୍ଦ୍ରର ମୁଖ୍ୟ ଗବେଷକ ଡ଼କ୍ଟର ମିହିର ତନୟ ଦାସ ଅତିଥି ପରିଚୟ ପ୍ରଦାନ କରି ବିଶ୍ୱ ହେନ୍ତାଳ ବଣ ଦିବସର ମହତ୍ତ୍ୱ ସମ୍ପର୍କରେ ମତ ରଖିଥିଲେ । ପ୍ରବନ୍ଧ ଲେଖନ ଓ ମୌଖିକ ଉପସ୍ଥାପନା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହ ହେନ୍ତାଳ ବଣ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ଅତିଥି ଓ ସହଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଡ଼କ୍ଟର ରାଜଶ୍ରୀ ଦାସ ଓ ଡ଼କ୍ଟର କରିସ୍ମା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡ଼କ୍ଟର ବିଶ୍ୱଜିତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଲଘୁଚାପ ବର୍ଷାରେ ବାଲେଶ୍ୱର ସହର ଜଳମଗ୍ନ, ପୁଣି ଆରମ୍ଭ ହେଲା ଡ୍ରେନେଜ୍ ସମସ୍ୟା



ବାଲେଶ୍ୱର(ନି.ପ୍ର.) ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଉତର ଓଡ଼ିଶାରେ ପ୍ରବଳ ବର୍ଷା ଆରମ୍ଭ ହୋଇଛି । ବାଲେଶ୍ୱର, ଭଦ୍ରକ ଓ ମୟୁରଭଞ୍ଜ ଜିଲ୍ଲା ପାଇଁ ସତର୍କତା ଜାରି ହୋଇଥିବା ବେଳେ ବାଲେଶ୍ୱର ସହରରେ ମାତ୍ର କିଛି ଘଂଟାର ବର୍ଷାରେ ବିଭିନ୍ନ ଅଂଚଳ ଜଳମଗ୍ନ ହୋଇପଡ଼ିଛି । ବର୍ଷ ବର୍ଷ ଧରି ଚାଲିଆସୁଥିବା ଡ୍ରେନେଜ୍ ସମସ୍ୟା ପୁଣିଥରେ ସାମ୍ନାକୁ ଆସିଛି । ଗତକାଲି ରାତିରୁ ଆରମ୍ଭ ହୋଇଥିବା ବର୍ଷା ପରେ ସକାଳୁ ସକାଳୁ ବାଲେଶ୍ୱର ସହରର ବିଭିନ୍ନ ନିମ୍ନାଂଚଳ ଜଳମଗ୍ନ ହୋଇପଡ଼ିଛି । ବାଲିଆ ସିଟି କ୍ଲିନିକ୍ ଛକ, ଚିଡ଼ିଆପୋଲ, ଅଜିମାବାଦ, କଂଗ୍ରେସ ଗଳି ସମେତ ଅନେକ ଅଂଚଳରେ ରାସ୍ତା ଉପରେ ପାଣି ଜମି ଯାତାୟାତ ବ୍ୟାହତ ହୋଇଛି । ବାଲେଶ୍ୱର ବସ୍ ?ଷ୍ଟାଣ୍ଡରୁ ରେମୁଣା ଗୋଲାଇ ମୁଖ୍ୟ ରାସ୍ତାର ବାଲିଆ ସିଟି କ୍ଲିନିକ୍ ଛକରେ ମଧ୍ୟ ପାଣି ଜମିବା ଆରମ୍ଭ ହୋଇଛି ।ସ୍ଥାନୀୟ ଲୋକଙ୍କ ଅଭିଯୋଗ, ପ୍ରତିବର୍ଷ ଦୁଇରୁ ତିନିଥର ଏଭଳି ପରିସ୍ଥିତି ଦେଖାଦେଉଛି । ମାତ୍ର ଦୁଇରୁ ତିନି ଘଂଟା ବର୍ଷା ହେଲେ ନାଳ ଉପଚି ପାଣି ଘର ଭିତରକୁ ପଶିବା ଆରମ୍ଭ କରୁଛି । ଫଳରେ ଲୋକେ ବର୍ଷା ହେଲେ ଆତଙ୍କିତ ହୋଇପଡୁଛନ୍ତି ।ସ୍ଥାନୀୟମାନଙ୍କ କହିବା ଅନୁଯାୟୀ, ପ୍ରାୟ ୩୦ ବର୍ଷ ଧରି ଏହି ଡ୍ରେନେଜ୍ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିନାହିଁ । ଗତବର୍ଷ ମଧ୍ୟ ସମାନ ଭାବେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥିଲା । ପ୍ରତିଥର କେବଳ ଡ୍ରେନ୍ ଭଙ୍ଗା, ମାପଚୁପ ଓ ମରାମତିର କଥା ହେଉଛି, କିନ୍ତୁ ସ୍ଥାୟୀ ସମାଧାନ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ । ମୁଖ୍ୟ ରାସ୍ତାରେ ପାଣି ଜମିଲେ ସାଂସଦ, ବିଧାୟକ ଓ ଜିଲ୍ଲା ପ୍ରଶାସନ ଘଟଣାସ୍ଥଳକୁ ଆସି ପ୍ରତିଶ୍ରୁତି ଦେଉଥିବା ବେଳେ ସମସ୍ୟାର ସ୍ଥାୟୀ ସମାଧାନ ହେଉନାହିଁ ବୋଲି ଲୋକେ ଅଭିଯୋଗ କରୁଛନ୍ତି । ଆଗାମୀ କିଛି ଦିନ ଲଘୁଚାପ ଜନିତ ବର୍ଷା ଜାରି ରହିବାର ସମ୍ଭାବନା ଥିବାରୁ ସହରର ଜଳ ନିଷ୍କାସନ ବ୍ୟବସ୍ଥାକୁ ନେଇ ପୁଣି ପ୍ରଶ୍ନ ଉଠିଛି । ସ୍ଥାନୀୟ ବାସିନ୍ଦା ଶୀଘ୍ର ଏକ ସ୍ଥାୟୀ ଡ୍ରେନେଜ୍ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି । ସୂଚନାଯୋଗ୍ୟ ବାଲେଶ୍ୱର ଜିଲ୍ଲାରେ ୧୪ ତାରିଖ ଦିନ ଭୋଗରାଇରେ ୬୪ମି.ମି., ବସ୍ତାରେ ୩୭ମି.ମି., ଜଳେଶ୍ୱରରେ ୭୩ମି.ମି, ବାଲିଆପାଳରେ ୩୯ ମି.ମ., ବାଲେଶ୍ୱରରେ ୭୮ ମି.ମ., ରେମୁଣାରେ ୭୧ମି.ମି, ନୀଳଗିରିରେ ୬୩, ସୋରରେ ୪୪ମି.ମି, ବାହାନଗାରେ ୫୦ ମି.ମି. ସିମୁଳିଆରେ ସର୍ବାଧିକ ୧୧୦ ମି.ମି., ଖଇରାରେ ୬୪ ମି.ମି. ଔପଦାରେ ୪୧ମି.ମି. । ଏଯାବତ୍ ମୋଟ ଗୋଟିଏ ଦିନରେ ୭୩୪ ମି.ମି. ବୃଷ୍ଟିପାତ ହୋଇଥିବା ଜଣାପଡ଼ିଛି ।

# ଉଦ୍‌ଯାପିତ ହେଲା 'ମଣିମା' ସମୂହ ଚିତ୍ରକଳା ପ୍ରଦର୍ଶନୀ

## ଆନ୍ତର୍ଜାତିକ ସ୍ତରରେ ଓଡ଼ିଆ କଳାକାରର ପରିଚୟ ବଢ଼ାଇବାକୁ ଅତିଥିଙ୍କ ଗୁରୁତ୍ୱାରୋପ

ବାଲେଶ୍ୱର, (ନି.ପ୍ର.) : ସମ୍ବଲପୁରର ଗୌରୀଶଙ୍କର ପାର୍କ ସ୍ଥିତ ଓଡିଶା ଲଳିତ କଳା ଏକାଡେମୀର ଆଂଚଳିକ ଆର୍ଟ ଗ୍ୟାଲେରୀରେ ଆୟୋଜନ ହୋଇଥିବା ଓଡ଼ିଶାର ବିଶିଷ୍ଟ କଳାକାରମାନଙ୍କ ସମୂହ ଚିତ୍ରକଳା ପ୍ରଦର୍ଶନୀ 'ମଣିମା' ଉଦଯାପିତ ହୋଇଯାଇଛି ।ବିଶିଷ୍ଟ ଚିତ୍ରଶିଳ୍ପୀ ସୁଧାଂଶୁ ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ଉଦଯାପନୀ ଉତ୍ସବରେ ଆନ୍ତର୍ଜାତିକ କଳାକାର, ସଂଗ୍ରହାଧ୍ୟକ୍ଷ ଏବଂ ଚଳଚିତ୍ର ନିର୍ମାତା ଆଶିଷ ପହି ମୁଖ୍ୟ ଅତିଥି ତଥା ସ୍ୱତନ୍ତ୍ର ବକ୍ତା ଭାବେ ଯୋଗ ଦେଇଥିଲେ । ସେ ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର କଳା ଏବଂ କଳାକାରମାନଙ୍କ



ଚାହିଦା କିପରି ବୃଦ୍ଧି ପାଇପାରିବ ଏବଂ ସମାଜରେ ଚିତ୍ରକଳାକୁ କିପରି ଅଧିକ ଗ୍ରହଣୀୟ କରାଯାଇପାରିବ ସେ ସମ୍ପର୍କରେ ବିଶେଷ ମତ ରଖିଥିଲେ ।ଆୟୋଜକମାନଙ୍କ ଉଦ୍ୟମକୁ ସାଧୁବାଦ ଜଣାଇବା ସହ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା କଳାକାରମାନଙ୍କୁ ସେ ଉତ୍ସାହିତ ଏବଂ ପ୍ରେରିତ କରିଥିଲେ । ବରିଷ୍ଠ ଚିତ୍ରଶିଳ୍ପୀ ପବିତ୍ର ମୋହନ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପ୍ରଦର୍ଶନୀରେ ନୟନ ମଲ୍ଲିକ, ସୁଧାଂଶୁ ନାୟକ, ପବିତ୍ର ମୋହନ ଶତପଥି, ପ୍ରଶାନ୍ତ ମାଝୀ, ଗୌରୀ ଶଙ୍କର ସିଂ, ସଞ୍ଜୟ ସାହୁ, କେଦାର ନାୟକ, କୁଳଦୀପ ବର୍ମା, ରଞ୍ଜିତା ମିଶ୍ର, ଦୀପିକା ଦେ, ସୁଶାନ୍ତ ମେହେର, ଛବିଳ ଦଳାଇ, ଅନୁରେଖା ଜେନା, ପ୍ରଭୁ ଦୟାଲ ତୀର୍କୀ, ନମିତା ବଡ଼ପଣ୍ଡା, ନୀଳକଣ୍ଠ ତାଣ୍ଡି, ପୁରୁଷୋତମ ମିଶ୍ର, ଲିଙ୍କନ ନାୟକ, ତୃପ୍ତିମୟୀ ମେହେର, ସୁଜାତା ବେହେରା, ପ୍ରଭାସ କୁମାର ମେହେର, ରାଧାରାଣୀ ପଣ୍ଡା, ଶୁଭ୍ରସ୍ମିତା ମେହେର, କ୍ରିଷ୍ଣାରାଣୀ ପଟେଲ, ମନପ୍ରୀତ କୌର, ଜିତେନ୍ଦ୍ରୀୟ ବେହେରା, ନିବେଦିତା ବେହେରା, ଅଶୁମିତା ନାୟକ, ଯତୀନ କୁମାର ପାଢ଼ୀ, ଭବାନୀ ଶଙ୍କର ପ୍ରଧାନ, ମନୋଜ ପ୍ରଧାନ, ସଞ୍ଜୟ କୁମାର ମହାରଣା, ପୂର୍ଣଚନ୍ଦ୍ର ମେହେର, ମନୀଷ ବିଶ୍ୱାଳ, ଲୋକନାଥ ସାହାଣୀ, ଭାଗବତ ପ୍ରସାଦ ମିଶ୍ର, ପ୍ରାଯେକ୍ତା ପଣ୍ଡା, ବିକାଶ ମାଝୀ, ସତ୍ୟନାରାୟଣ ମେହେର, କସ୍ତୁରୀ ପଟେଲ, ମଧୁସ୍ମିତା ନାୟକ, ଜାଗୃତି ନାଏକ ଏବଂ ବିଶ୍ୱ ରଞ୍ଜନ ସାହୁଙ୍କ ଚିତାକର୍ଷକ ଚିତ୍ରକୃତୀ ପ୍ରଦର୍ଶିତ ହୋଇଥିଲା । ସପ୍ତାହବ୍ୟାପୀ ଏହି ପ୍ରଦର୍ଶନୀକୁ ଶତାଧିକ ଦର୍ଶକ ଏବଂ କଳାପ୍ରେମୀ ଦେଖି ଉଚ୍ଚ ପ୍ରଶଂସା କରିଥିଲେ । ଆଂଚଳିକ ଆର୍ଟ ଗ୍ୟାଲେରୀର ପରିଚାଳକ ବିଦ୍ୟାପତି ପ୍ରଧାନ ପ୍ରଦର୍ଶନୀକୁ ସଫଳ କରିବାରେ ବିଶେଷ ସହଯୋଗ କରିଥିଲେ ।

## ଶ୍ରୀଜଗନ୍ନାଥ ମନ୍ଦିରର ବାହୁଡ଼ା ଯାତ୍ରା

ସୋର(ନିପ୍ର): ସୋର ବ୍ଲକ ଅନନ୍ତପୁର ଶ୍ରୀ ଜଗନ୍ନାଥ ମନ୍ଦିରର ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ମହା ସମାରୋହରେ ସମ୍ପନ୍ନ ହୋଇଯାଇଛି, ସକାଳୁ ଜୀଉମାନଙ୍କ ନୀତି କାନ୍ତି ସରିଲା ପରେ, ଚିତୋଳ ଭାଗବତ ଗାଦି ମନ୍ଦିରରୁ ବିରାଟ ପଟୁଆରରେ ଆଜ୍ଞାମାଳ ଓ ତୁଳସୀଭାର ଆସି ମାଉସୀ ମା ମନ୍ଦିର ଅନନ୍ତପୁର ମା ତାରିଣୀ ମନ୍ଦିର ରେ ପହଂଚିଥିଲା, ପରେ ଜୀଉ ମାନଙ୍କୁ ଗୋଟି ପହଣ୍ଡିରେ ରଥାରୁଢ଼ କରାଗଲା ଏବଂ ବରିଷ୍ଟ ସେବାୟତ ବିଜୟକୁମାର କର ରଥରେ ଛେରାପହଁରା କରିଥିଲେ । ଅପରାହ୍ନ ୪ ଟାରେ ଶଙ୍ଖ, ଘଂଟ ଘଂଟା ସଂକୀର୍ତ୍ତନ, ବାଜା ଜୟ ଜଗନ୍ନାଥ ଧ୍ୱନି ମଧ୍ୟରେ ରଥଟଣା ଆରମ୍ଭ ହୋଇଥିଲା, ବାଟରେ ମା ମଙ୍ଗଳା ମନ୍ଦିର ନିକଟରେ ରଥ ଅଟିକିଥିଲା, ସେଠାରେ ପୂଜା ଅର୍ଚ୍ଚନା ପରେ ରଥ ଟଣା ହୋଇଥିଲା ।

## ଭକ୍ତଙ୍କୁ ଦର୍ଶନ ଦେଇ କର୍ମ ବେଦୀକୁ ବାହୁଡ଼ିଲେ ମହାପ୍ରଭୁ



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଶ୍ରୀଗୁଣ୍ଡିଚା ରାମସ୍ୱାମୀ ମନ୍ଦିର ପରିସରରୁ ଜଗତର ନାଥ ଜଗନ୍ନାଥ ଚତୁର୍ଦ୍ଧାମୂର୍ତ୍ତି ରୂପେ ନବ ଦିନାତ୍ମକ ଯାତ୍ରା ରେ ଭକ୍ତଙ୍କୁ ଦର୍ଶନ ଦେଇ କର୍ମ ବେଦୀକୁ ପ୍ରତ୍ୟାବର୍ତ୍ତନ କରି ବାହୁଡ଼ିଲେ । ଖଡ଼ିଆଳ ରାଜା ଦେବ ଦେବ ସିଂ ଦେଓ ପହଣ୍ଡି ବିଜେ ଛେରା ପହରା କରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୂଢ଼ କରିଥିଲେ । ରଥାରୂଢ଼ ପରେ ଶେଷ ଦର୍ଶନ କରି ବାହୁଡ଼ା ଯାତ୍ରା ମଙ୍ଗଳମୟ ହେବା ନେଇ କାମନା କରିଥିଲେ । ଯୁଡ଼ା ଜଗନ୍ନାଥ ବଳଭଦ୍ର, ସୁଭଦ୍ରା ଏବଂ ସୁଦର୍ଶନ ଚକ୍ର ବିଜେ ହୋଇଛନ୍ତି । ସେବାୟତ ଓ ପରିଚାଳନା କମିଟି ଭକ୍ତ ଗହଣରେ ନିଜ ମନ୍ଦିର କୁ ବାହୁଡ଼ିଲେ ଜଗନ୍ନାଥ ।

## ଶ୍ରମିକ ପେଣ୍ଠସ୍ଥଳୀରେ ଶ୍ରମିକ ପାଠଶାଳା ଆୟୋଜିତ




ଭୁବନେଶ୍ୱର: ଶ୍ରମିକମାନଙ୍କ ସ୍ୱ-ଶିକ୍ଷା ବୃଦ୍ଧି ନିମନ୍ତେ ଆକ୍ସନଏଡ୍ ଆସୋସିଏସନ ତରଫରୁ ନୟାପଲ୍ଲୀ ଶ୍ରମିକ ପେଣ୍ଠସ୍ଥଳୀରେ ଶ୍ରମିକ ପାଠଶାଳା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଅଛି । ଆଜିର ଶ୍ରମିକ ପାଠଶାଳାରେ ବିଶେଷ କରି ଶ୍ରମିକଙ୍କ ଅଧିକାର ଓ ଶିଶୁ ଶ୍ରମ ମୁକ୍ତ ଓଡ଼ିଶା ବାବଦରେ ସଚେତନତା କରାଯାଇଥିଲା । ଶିଶୁଙ୍କୁ କାମ ନୁହେଁ - ଶିକ୍ଷାରେ ସାମିଲ ପାଇଁ ଆହ୍ୱାନ ସହ ୧୪ ବର୍ଷରୁ କମ୍ ଶିଶୁଙ୍କୁ କୌଣସି ପ୍ରକାରର ବୃତି ଓ ପ୍ରକ୍ରିୟାରେ ତଥା ୧୫ ରୁ ୧୮ ବର୍ଷର କିଶୋରଙ୍କୁ ବିପଦ ଶଙ୍କୁଳ ବୃତି ଓ ପ୍ରକ୍ରିୟାରେ ନିୟୋଜିତ ଥିବା ଦୃଷ୍ଟିକୁ ଆସିଲେ ତୁରନ୍ତ ନିକଟସ୍ଥ ଶ୍ରମ କାର୍ଯ୍ୟାଳୟ / ଥାନା/ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଜିଲ୍ଲାପାଳ କିମ୍ବା ୧୦୯୮(ଚାଇଲ୍ଡ ହେଲ୍ପଲାଇନ) ଓ ୧୮୦୦-୩୪୫୬୭-୦୩ (ନିଶୁଳ୍କ ଶ୍ରମିକ ସହାୟତା) ନମ୍ବରରେ ଯୋଗାଯୋଗ ପାଇଁ ପାଠଶାଳା କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା । ଉକ୍ତ ପାଠଶାଳା କାର୍ଯ୍ୟକ୍ରମରେ ମାନସ ରନ ପ୍ରଧାନ, ଶିବ ସାହୁ ଓ ଭାସ୍କର ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି ସଚେତନତାର ବାର୍ତା ବାଂଟିଥିଲେ ।

## ଦେଶୀ ରନ୍ଧା ମଦ ଜବତ, ୨ ଗିରଫ

ସିମୁଳିଆ(ନିପ୍ର): ବାଲେଶ୍ୱର ଅବକାରୀ ଅଧିକ୍ଷକ ଶେଖ ଅସଫ ଅଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ପ୍ରହଲ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ସିମୁଳିଆ ଥାନା ଅନ୍ତର୍ଗତ ମାର୍କୋଣା ଷ୍ଟେସନ ବଜାର ଓ ଖଇରା ଥାନା ଅନ୍ତର୍ଗତ ଗଣ୍ଡିବେଢ଼ ବଜାର ଅଂଚଳରେ ଚଢ଼ାଉ କରାଯାଇ ୮୦ ଲିଟର ଦେଶୀ ମଦ ଜବତ କରାଯିବା ସହିତ ବଣା ଗ୍ରାମର ରୁକ୍ମଣୀ ହାଁସଦା ଓ ଶ୍ୟାମ ସୁନ୍ଦରପୁର ଗ୍ରାମର ଲକ୍ଷ୍ମୀଧର ଜେନାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜବତ ହୋଇଥିବା ମଦର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ ପ୍ରଭୃତି ସାମିଲ ଥିଲେ । ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ୨ ଗୋଟି ମାମଲା ରୁଜୁ କରାଯାଇଛି ।

## ତହସିଲ କାର୍ଯ୍ୟାଳୟରେ ପ୍ରମାଣପତ୍ର ପ୍ରଦାନକୁ ନେଇ ଅନିୟମିତତା

ଧାମନଗର(ନିପ୍ର): ଧାମନଗର ତହସିଲ କାର୍ଯ୍ୟାଳୟରେ ଆବାସିକ ପ୍ରମାଣ ପତ୍ର ପ୍ରଦାନକୁ ନେଇ ଅନିୟମିତତା ଓ ଲାଂଚ କାରବାରର ଅଭିଯୋଗ ଉଠିବା ପରେ ଜଣେ ଆଉଟସୋର୍ସିଂ କର୍ମଚାରୀଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସୂଚନା ମିଳିଛି । ସମ୍ପୃକ୍ତ କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିବା ସହ ତଦନ୍ତ ସ୍ୱାର୍ଥରେ ତାଙ୍କ ମୋବାଇଲ ଫୋନ୍ ଜବତ କରାଯାଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ଧାମନଗର ନିକଟସ୍ଥ ମିର୍ଜାପୁର ଅଂଚଳର ଆଶିଷ କୁମାର ଜେନା ନାମକ ଜଣେ ଯୁବକ ଆଉଟସୋର୍ସିଂ ମାଧ୍ୟମରେ ତହସିଲ କାର୍ଯ୍ୟାଳୟରେ ସାର୍ଟିଫିକେଟ ସମ୍ବନ୍ଧୀୟ କାର୍ଯ୍ୟ କରୁଥିଲେ । ଅଭିଯୋଗ ଅନୁସାରେ, ଜଣେ ସ୍ଥାନୀୟ ନେତାଙ୍କ ଆବାସିକ ପ୍ରମାଣପତ୍ର ଆବେଦନକୁ କାଗଜପତ୍ରର ତ୍ରୁଟି ଦର୍ଶାଇ ଅଟକାଇ ଦିଆଯାଇଥିଲା । ପରେ ଅନ୍ୟ ଜଣେ ଆବେଦନକାରୀଙ୍କ ପକ୍ଷରେ ଆର୍ଥିକ କାରବାର ହୋଇଥିବା ଏବଂ କାଗଜପତ୍ରରେ ତ୍ରୁଟି ଥିଲେ ମଧ୍ୟ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି । ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇବା ପରେ ମାମଲା ଉଚ୍ଚ ପ୍ରଶାସନିକ ସ୍ତରକୁ ଯାଇଥିବା ଜଣାପଡ଼ିଛି । ପରବର୍ତୀ ସମୟରେ ତହସିଲଦାର ସମ୍ପୃକ୍ତ ଆଉଟସୋର୍ସି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିଥିବା ବେଳେ, ଅଧିକ ତଦନ୍ତ ପାଇଁ ତାଙ୍କ ମୋବାଇଲ ଫୋନ୍ ଜବତ କରାଯାଇଥିବା ସୂଚନା ମିଳିଛି ।

## ଓଡ଼ିଆ ବଜାର ସାହି ବାସିନ୍ଦାଙ୍କ ଉଦ୍ୟମରେ ପ୍ରଥମ ଥର ପାଇଁ ଚତୁର୍ଦ୍ଧାମୂର୍ତ୍ତିଙ୍କର ବାହୁଡ଼ା ରଥଯାତ୍ରା

କଟକ(ନିପ୍ର): ଓଡ଼ିଆ ବଜାରସ୍ଥିତ ଦେଓଗିରି ମଠରେ ଦୀର୍ଘ ୭୦ବର୍ଷରୁ ପୁରୁଣା ଜଗନ୍ନାଥଙ୍କ ମନ୍ଦିରରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ନେଇ ଏକ ସୁନ୍ଦର ରଥ ନଗର ପରିକ୍ରମା କରି ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ମାଉସୀ ମାଁ ଘରେ ଅବସ୍ଥାନ କରିବା ପରେ ବାହୁଡ଼ା ଯାତ୍ରାରେ ରଥାରୁଢ଼ ହୋଇ ନେତାଜୀ ସୁବାଷ ବାସଭବନ ପାଖ ଦେଓଗିରି ମଠକୁ ପଦାର୍ପଣ କରିଥିଲେ । ସକାଳୁ ପ୍ରଥମେ ମଙ୍ଗଳ ଆଳତି, ପରେ ନୃସିଂହ ମନ୍ତ୍ରରେ ରଥ ପ୍ରତିଷ୍ଠା କରାଯାଇଥିଲା । ଏହା ପରେ ପରେ ଦିନ ୧ ଘଟିକା ବେଳେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପହଣ୍ଡି ବିଜେ



ଆରମ୍ଭ ହୋଇ ଶୁଭାନ୍ୱେଶ ରଥ ରାଜା ବେଶରେ ସମସ୍ତ ନୀତି ନିୟମ ସହିତ ରଥ ରେ ଛେରା ପହଁରା କାର୍ଯ୍ୟ ସମାପନ କରିବା ପରେ ଦିବା ୩:୩୦ ଘଟିକା ବାହୁଡ଼ା ରଥଯାତ୍ରା ଆରମ୍ଭ ହୋଇଥିଲା । ଓଡ଼ିଆ ବଜାର, ଦରଘା ବଜାର, ତିନିକୋଣିଆ ବଗିଚା ପରିକ୍ରମା କରି ସ୍ଥାନୀୟ ଦେଓଗିରି ମଠରେ ରହିଥିଲେ । ସନ୍ଧ୍ୟା ସମୟରେ ଶତାଧିକ ଭକ୍ତଙ୍କ ଗହଣରେ ଭଜନ ସନ୍ଧ୍ୟା ଆୟୋଜିତ ହୋଇ ଅତ୍ୟନ୍ତ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବା ସହ ପ୍ରଥମ ଥର ରଥଯାତ୍ରା ହୋଇଥିବାରୁ ସାହି ବାସିନ୍ଦାଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଇଛି । ଏହି ପବିତ୍ର କାର୍ଯ୍ୟରେ ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ବେଉରା, ରୂପକ କେତନ ବେହେରା, ପ୍ରଦୀପ ବେହେରା, ସର୍ବେଶ୍ୱର ଦାଶ, ଦେବାଶିଷ ବେହେରା, ଦେବରାଜ ସାହୁ, ସନ୍ଦିପ ଦଳାଇ, ରୂପେଶ ରଞ୍ଜନ ଦାସ, ମନୋରଞ୍ଜନ ଦାସ, ଚିତରଞ୍ଜନ ଦାସ, ପ୍ରକାଶ ବାରିକ, ସଞ୍ଜିତ ଜୀ, ସୋମ୍ୟଦିପ ଘୋଷ ତଥା ଓଡ଼ିଆ ବଜାରର ସମସ୍ତ ଅଧିବାସୀଙ୍କ ସହଯୋଗରେ ଭବ୍ୟତାର ସହିତ ବାହୁଡ଼ା ଯାତ୍ରା ସମାପନ ହୋଇଥିଲା ବୋଲି ଜ୍ଞାନ ରଞ୍ଜନ ଦାସ ପ୍ରେସ ବିବୃତିରେ ଜଣାଇଛନ୍ତି ।

## ଲଗାଣ ବର୍ଷା ଯୋଗୁଁ ଜନ ଜୀବନ ଅସ୍ତବ୍ୟସ୍ତ

ଲଙ୍ଗଳେଶ୍ୱର(ନିପ୍ର): ଗଲା ତିନି ଦିନ ହେବ ଲଗାଣ ବର୍ଷା ଯୋଗୁଁ ବାଲିଆପାଳ ବ୍ଲକ ସମେତ ଗ୍ରାମାଂଚଳରେ ଜନ ଜୀବନ ଅସ୍ତ ବ୍ୟସ୍ତ ହୋଇପଡିଛି । ଲୋକେ ବର୍ଷା ଯୋଗୁଁ ଘରୁ ବାହାରି ପାରୁ ନାହାଁନ୍ତି । ଗୃହପାଳିତ ପଶୁ ପକ୍ଷୀଙ୍କ ଦୁର୍ଦ୍ଦଶା କହିଲେ ନ ସରେ । ରାସ୍ତା, ବଜାର ସବୁଠି କାଦ ପଚ ପଚ । ଦୈନିକ ପାରିବା ଓ ମାଛ ମାର୍କେଟ ଗୁଡିକରେ ଏତେ କାଦୁଅ ହୋଇଛି ଯେ ସଉଦା ଓ ମାଛ କିଣିବା କଷ୍ଟକର ହୋଇଛି । ଢିପ ଜମିକୁ ଛାଡିଦେଲେ ଅନ୍ୟ ସବୁ ଜମିରେ ପାଣି ବନ୍ୟା ଭ୍ରମ ସୃଷ୍ଟି କରିଛି । ଚାଷୀଙ୍କ ପାରିବା ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଛି କହିଲେ ଚଳେ । ଧାନ ତଳି ମଧ ବର୍ଷା ପାଣିରେ ବୁଡି ରହିଛି । ଅନେକ ସ୍ଥାନରେ ବିଦ୍ୟୁତ ସରବରାହ ବନ୍ଦ ରହିଛି । ଫଳରେ ଲୋକେ ରାତି ତମାମ ଅନ୍ଧାରରେ ରହିଛନ୍ତି । କେବଳ ବାଲିଆପାଳରେ ତିନି ମିଲି ମିଟର ବର୍ଷା ହୋଇ ଥିବା ରେକର୍ଡ କରାଯାଇଛି । ତେବେ ସୁବର୍ଣ୍ଣ ରେଖା ନଦୀରେ ଜଳ ସ୍ତର ସାମାନ୍ୟ ଥିବା ଜଣା ଯାଇଛି । ବଙ୍ଗୋପ ସାଗରରେ ଏବେ ଅଧିକ ଜୁଆର ଥିବାରୁ ଥିବାରୁ ମତ୍ସଜୀବୀମାନଙ୍କୁ ଗଭୀର ସମୁଦ୍ରକୁ ଯିବାକୁ ମନା କରାଯାଇଛି । ତେବେ ନଦୀର ଉପର ମୁଣ୍ଡରେ ବର୍ଷା ଅଧିକ ହେଲେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି ।

## ଅସବର୍ଣ୍ଣଙ୍କୁ ବିବାହ ନେଇ ଘରେ ପଶି ସବର୍ଣ୍ଣଙ୍କ ଆକ୍ରମଣ: ୫ ଆହତ ୨ ଗୁରୁତର

ସୋର(ନିପ୍ର): ସୋର ବ୍ଲକ ତେଂଟେଇ ଗ୍ରାମର ଜଣେ ଅସବର୍ଣ୍ଣ ଯୁବକକୁ ଭଲ ପାଇ ସେହିଗ୍ରାମର ଜଣେ ସବର୍ଣ୍ଣ ଯୁବତୀ ବିବାହ କରିଥିବା କାରଣରୁ ଝିଅର ପଡ଼ୋଶୀମାନେ ଅସବର୍ଣ୍ଣଙ୍କ ଘରେ ପଶି ପରିବାର ଲୋକଙ୍କ ଉପରେ ମାରଣାସ୍ତ୍ର ଧରି ଝିଅକୁ ଉଠାଇ ନେବାକୁ ଚେଷ୍ଟା କରିଥିଲେ ଏହାକୁ ବିରୋଧ କରିବାରୁ ପରିବାର ଲୋକଙ୍କୁ ଲୁହା ରଡ଼୍‌ରେ ଆକ୍ରମଣ କରିଥିଲେ । ଫଳରେ ଅସବର୍ଣ୍ଣଙ୍କ ପରିବାରରେ ୫ ଜଣ ଲୋକ ଗୁରୁତର ଭାବେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ସୂଚନାରୁ ଜଣା ପଡ଼ିଛି ଯେ ତେଂଟେଇ ଗ୍ରାମର ସ୍ନେହଲତା ବେହେରା ଗତ ୩ ମାସ ତଳେ ସେହିଗ୍ରାମର ପ୍ରହ୍ଲାଦ ମଳିକଙ୍କ ପୁଅ ପ୍ରଭୁଦେବ କୁମାରଙ୍କୁ ଭଲପାଇ ବିବାହ କରିଥିଲେ । ମାତ୍ର ପ୍ରଭୁଦେବ ହରିଜନ ସଂପ୍ରଦାୟର ହୋଇ ଥିବାରୁ ଏହି ବିବାହକୁ ସ୍ନେହଲତାର ପଡ଼ୋଶୀମାନେ ସହଜରେ ଗ୍ରହଣ କରିନପାରି ବିଭିନ୍ନ ସମୟରେ ସ୍ନେହଲତାକୁ ନେଇ ଯିବାକୁ ଚେଷ୍ଟା କରିଚାଲିଥିବା ବେଳେ ଗତକାଲି ଅପରାହ୍ଣରେ ଏକ ଥର ଗାଡ଼ିରେ ଅଜୟ ବେହେରା, ତାପୁ ସାହୁ, କାଙ୍ଗାଳି ସାହୁ, ସନାତନ ବେହେରା, ଚନ୍ଦ୍ରକାନ୍ତ ସେଠୀ, ସୂର୍ଯ୍ୟକାନ୍ତ ବେହେରା ଲୁହା ରଡ଼ ଏବଂ ମାରଣାସ୍ତ୍ର ହାତରେ ଧରି ପ୍ରହ୍ଲାଦଙ୍କ ଘରେ ପଶି ସ୍ନେହଲତାକୁ ନେଇଯିବା ପାଇଁ ଉଦ୍ୟମ କରୁଥିବା ବେଳେ ପରିବାର ଲୋକେ ବିରୋଧ କରିଥିଲେ । ଏଥିରେ ଉତ୍ୟକ୍ତ ହୋଇ ସେମାନେ ଆକ୍ରମଣ କରିବାରୁ ପ୍ରହ୍ଲାଦ ଏବଂ ତାଙ୍କ ପୁଅ ପ୍ରଭୁଦେବ ଓ ସାଇକୃଷ୍ଣ, ସ୍ତ୍ରୀ ଶୈଳବାଳା, ବୋହୂ ସ୍ନେହଲତା ଏବଂ ୮୦ ବର୍ଷର ବୃଦ୍ଧା ମା ଆହତ ହୋଇଥିଲେ । ପୁଲିସ ଘଟଣା ସ୍ଥଳରେ ପହଞ୍ଚ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ସୋର ଡାକ୍ତରଖାନାରେ ଭର୍ତି କରାଯିବା ପରେ ପ୍ରହ୍ଲାଦ ଏବଂ ତାଙ୍କ ସ୍ତ୍ରୀ ଶୈଳବାଳା ଗୁରୁତର ଭାବେ ଆହତ ଥିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ଅନନ୍ତପୁର ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ବିଭିନ୍ନ ସମସ୍ୟା ନେଇ ଦାବିପତ୍ର, ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ଝାରସୁଗୁଡ଼ା(ନିପ୍ର): ଝାରସୁଗୁଡ଼ା ରେଳ ଷ୍ଟେସନରେ ଯାତ୍ରୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଓ ଚାଲିଥିବା ନିର୍ମାଣ କାର୍ଯ୍ୟ ଯୋଗୁଁ ସାଧାରଣ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରି ଝାରସୁଗୁଡା ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଷ୍ଟେସନ ମ୍ୟାନେଜରଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ବିଜେଡି ଜିଲ୍ଲା ସଭାପତି ହରୀଶ ଗଣତ୍ରାଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି । ସୂଚନା ଅନୁଯାୟୀ, ଝାରସୁଗୁଡା ରେଲୱେ ଷ୍ଟେସନରେ ନୂତନ ପ୍ଲାଟଫର୍ମ ନିର୍ମାଣ ଯୋଗୁଁ ଯାତ୍ରୀମାନଙ୍କୁ ଦୀର୍ଘ ଫୁଟ୍ ଓ୍ୱେ ଦେଇ ଓଭରବ୍ରିଜ୍ ଦେଇ ଯାତ୍ରୀମାନଙ୍କୁ ଯିବାକୁ ପଡୁଛି । ଏହାଦ୍ୱାରା ବୃଦ୍ଧବୃଦ୍ଧା, ରୋଗୀ ଓ ଦିବ୍ୟାଙ୍ଗ ଯାତ୍ରୀମାନେ ଅତ୍ୟନ୍ତ ହଇରାଣ ହେଉଛନ୍ତି । ନିର୍ମାଣାଧୀନ ଅଂଚଳରେ ବର୍ଷା ଜଳ ଓ କାଦୁଅ ଯୋଗୁଁ ଯାତ୍ରୀମାନେ ଖସିପଡ଼ି ଆଘାତ ପ୍ରାପ୍ତ ହେଉଛନ୍ତି । ତୁରନ୍ତ



ଏଠାରେ ଅସ୍ଥାୟୀ ରାମ୍ପ, ଏସ୍କାଲେଟର, ଲିଫ୍ଟ କିମ୍ବା ବ୍ୟାଟେରୀ ଚାଳିତ ଗାଡ଼ିର ବ୍ୟବସ୍ଥା କରିବାକୁ ଦାବି କରାଯାଇଛି । ଏହା ସହିତ ଷ୍ଟେସନର ପ୍ଲାଟଫର୍ମଗୁଡ଼ିକରେ ବିଶୁଦ୍ଧ ପାନୀୟ ଜଳର ଅଭାବ, ଶୌଚାଳୟ ଓ ପ୍ରତୀକ୍ଷାଳୟରେ ଜଳ ଯୋଗାଣ ବନ୍ଦ ରହିବା ଯୋଗୁଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିବା ଦର୍ଶାଯାଇଛି । ସେହିପରି ଦୀର୍ଘଦିନରୁ ଚୌକିପଡ଼ା ଓ ବେହେରାମାଲ ଆରଓବି ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ି ରହିଥିବାରୁ ସହରରେ ନିୟମିତ ଟ୍ରାଫିକ୍ ସମସ୍ୟା ଉପୁଜୁଛି । ଅନ୍ୟପଟେ, ସାଧାରଣ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଝାରସୁଗୁଡ଼ା-ଗୋନ୍ଦିଆ, ଝାରସୁଗୁଡ଼ା-ରାଂଚି ଓ ସମ୍ବଲପୁର-ରାଉରକେଲା ମେମୁ ଟ୍ରେନ୍ ଗୁଡ଼ିକୁ ପାର୍ବଣ ସମୟରେ ବନ୍ଦ ନକରି ନିୟମିତ ଚଳାଚଳ କରିବାକୁ ଦାବି କରାଯାଇଛି । ଅନିୟମିତ ଟ୍ରେନ୍ ବିଳମ୍ବ, ଅଟୋ ପାର୍କିଂ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଓ ପ୍ଲାଟଫର୍ମ ନଂ-୧ ରେ ଶେଡ୍ ବିସ୍ତାର କରି ନିର୍ମାଣ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି । ଏହି ଦାବିପତ୍ରର ନକଲ ଚକ୍ରଧରପୁର, ସମ୍ବଲପୁର ଓ ବିଲାସପୁର ରେଳମଣ୍ଡଳର ଡିଆରଏମଙ୍କ ନିକଟକୁ ପଠାଯାଇଛି । ତୁରନ୍ତ ଏହି ସମସ୍ୟା ଗୁଡ଼ିକର ସମସମସ୍ୟା ଗୁଡ଼ିକର ସମାଧାନ ନହେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ନେତାମାନେ ଚେତାବନୀ ଦେଇଛନ୍ତି । ଷ୍ଟେସନ ମାଷ୍ଟରଙ୍କୁ ଦାବିପତ୍ର ଦେବା ସମୟ ରେ ରାଜ୍ୟ ବିଜୁ ଜନତା ଦଳ ପରିଷଦ ସଦସ୍ୟ ତାପସ ରାୟ ଚୌଧୁରୀଙ୍କ ସହିତ, ଝାରସୁଗୁଡା ବିଜେଡି ସଭାପତି ହରିଶ ଗଣତ୍ରା, ପୌରାଧକ୍ଷା ରାନୀ ହାତୀ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଫିଂଟୁ ପାଢ଼ୀ, ରବି ସିଂ, ମଦନ ହାତୀ, ଆଲୋକ ତ୍ରିପାଠୀ, ପଓ୍ୱନ ସିଂ ଯାଦବ, ପଓ୍ୱନ୍ ଶର୍ମା, ମନୋଜ କୁମାର ଦୋରା, ଶ୍ୟାମ ସୁନ୍ଦର ମହାପାତ୍ର, ବି. ନାଗେଶ୍ୱରୀ, ଜ୍ୟୋତି ସୁନାର ପ୍ରମୁଖ ଉପସ୍ଥିତ ଥିଲେ ।


No. 25001/778/2627

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-I ,BHADRAK
"e" Procurement Notice for Building Works
Bid Identification No. Online Tender 3 of 2026-27



1. Name of the Work :- Buildings
2. Total No of Works :- 04 Nos
3. Estimated Cost :- Rs.8.47 Lakh to Rs.41.02 Lakh
4. Class of Contractor :- "B" , "C" & "D" Class
5. Period of Completion :- As per Annexure
6. Type of Tender :- Single Cover
7.Other Details :-





| Procurement Officer | Bid Indentification No. | Availability of Tender On-line for bidding | | Date of seeking of Tender | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | | 4 | 5 |
| Executive Engineer, Rural Works Division-I, Bhadrak | Online-3 of 2026-27 | 28.07.26 At- 11.00 A.M | 07.08.26 At- 5.00 P.M | 07.08.26 At-2.00 P.M | 10.08.26 At- 11.00 A.M. |

Further details can be seen from the e-procurement portal "https://tendersorissa.gov.in "
N.B-Transparency Lottery date will be intimated later. Signed Scan copy of Schedule "A","E" & "F" Sheet is mandatory. Non submission of the sheet may cause rejection of the bid.

Sd/-Er.Ganesh Chandra Hembram
Executive Engineer,
R.W. Division, Bhadrak

OIPR. 25001/25060/1/26-27/0003



ଅନ୍ୟଠାରେ ଦେଖିଲା ପୂର୍ବରୁ ନିଜ ଠାରେ ସେହି ଦୋଷ ଅଛିକି ନାହିଁ ପ୍ରଥମେ ଦେଖିନିଅ ।

# ଆଜିକାଲି



ଯାବାନର୍ଥ ଉଦ୍‌ପାନେ ସର୍ବତଃ ସଂପ୍ଲୁତୋଦକେ
ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ
(ଶ୍ରୀମଦ୍ ଭଗବଦ୍ ଗୀତା)

ଭାବାର୍ଥ : ସବୁ ଦିଗରୁ ପରିପୂର୍ଣ୍ଣ ଜଳାଶୟଟିଏ ପାଇଗଲେ ଛୋଟ ଜଳାଶୟରେ ମନୁଷ୍ୟର ଯେତିକି ପ୍ରୟୋଜନ ରହେ, ବ୍ରହ୍ମଜ୍ଞାନ ଲାଭ କରିଥିବା ବ୍ରାହ୍ମଣଙ୍କର ସମସ୍ତ ବେଦରେ ସେତିକି ପ୍ରୟୋଜନ ରହିଥାଏ ।

## ଚୂଡ଼ାଘଷା ପୋଡ଼ ପିଠା ଭୋଗ ପରମ୍ପରା

ହରିଶୟନ ଏକାଦଶୀ ଅବସରରେ ରଥାରୂଢ଼ ଠାକୁର ମାନଙ୍କୁ ଚୂଡ଼ାଘଷା ଭୋଗ ଅର୍ପଣ କରାଯାଉଛି । ଚୂଡ଼ାଘଷା ପ୍ରସ୍ତୁତ ପରେ ଅରୁଣସ୍ତମ୍ଭ ନିକଟରେ ସେବକ ମାନେ ଚୂଡ଼ାଘଷା, ନଡ଼ିଆ, ଫଳମୂଳ ସବୁ ଭୋଗ ଲଗାଉଛନ୍ତି । ଏହି ପରମ୍ପରା ଅତି ପୁରୁଣା । ସହରୀବାସିନ୍ଦା ଓ ପଂଚକୋଶୀ ଯାତ୍ରୀମାନେ ମୁଖ୍ୟତଃ ଏହି ପରମ୍ପରା ପାଳି ଆସୁଛନ୍ତି । ଗାଁ ଗହଳିର ଭକ୍ତମାନେ ନିଜ ନିଜ ବାଡ଼ିରେ ହୋଇଥିବା ଫଳମୂଳ ଏହି ଦିନ ଠାକୁରଙ୍କୁ ଭେଟି ଦିଅନ୍ତି । କେହି କେହି ଘରେ ପ୍ରସ୍ତୁତ କରି ଆଣିଥିବାବେଳେ ଅନେକ ବଡ଼ଦାଣ୍ଡରେ ବସିଥିବା ଭାଇନା ମାନଙ୍କ ହାତରେ ଚୂଡ଼ାଘଷା ଭୋଗ ପ୍ରସ୍ତୁତ କରାଉଛନ୍ତି । ଚୂଡ଼ାଗୁଣ୍ଡ, ନଡ଼ିଆ, ଚିନି ବା ଗୁଡ଼, ଖସିମିଶି, ଗୋଲମରିଚ, ଅଳେଇଚ, ଘିଅ ଆଦି ମିଶାଇ ବାଉଁଶ ତାଟରେ ଭଲ କରି ଘଷି ଦିଆଯାଉଛି । ଏହାପରେ ତାଳପତ୍ର ଭୋଗେଇ ବା ପିତଳ ପାତ୍ରରେ ଠାକୁରଙ୍କୁ ଅର୍ପଣ କରାଯାଉଛି । କାହିଁ କେତେ ବର୍ଷରୁ ଚାଲିଛି ପୋଡପିଠା ଭୋଗ । ମହାପ୍ରଭୁ ଭାଇ ଭଉଣୀଙ୍କ ସହ ଗୁଣ୍ଡିଚାଘରୁ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବା ବେଳେ ରାସ୍ତାରେ ହୁଏ ପୋଡ଼ପିଠା ଭୋଗ । ଏଥିପାଇଁ ତିନିରଥ ଅଟକିଯାଏ ବଡ଼ଦାଣ୍ଡରେ ଥିବା ମାଉସୀ ମା' ମନ୍ଦିର ସମ୍ମୁଖରେ । ତିନିରଥରେ ପୂଜା ପଣ୍ଡା ସେବକ ପୋଡ଼ପିଠା ଭୋଗ କରନ୍ତି । ସକାଳୁ ଖେଚୁଡ଼ି ଖାଇ ଶ୍ରୀଜୀଉମାନେ ବାହାରି ଥିବାରୁ ପ୍ରବଳ ଭୋକ ହୋଇଥାଏ । ମାଉସୀଙ୍କ ଦ୍ୱାରା ପ୍ରସ୍ତୁତ ପୋଡ଼ପିଠା ଖାଇବା ପରେ ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ସନ୍ତୋଷ ଲାଭ କରନ୍ତି । ଏହାପରେ ପୋଡ଼ପିଠା ଭୋଗରୁ କାଣିଚାଏ ପାଇବାକୁ ସେଠାରେ ଦେଖାଦିଏ ଭକ୍ତଙ୍କ ଗହଳି । ଏହି ପରମ୍ପରା ସମ୍ପର୍କରେ ମାଉସୀ ମା ମନ୍ଦିର ସେବକ ରଘୁନାଥ ଦଶ କହିଛନ୍ତି ଯେ ବାପା ଗୋଷଇଁ ବାପା ଅମଳରୁ ରଥରେ ପୋଡ଼ପିଠା ଭୋଗ ହୋଇଆସୁଛି । ଏହି ପରମ୍ପରା ଶହ ଶହ ବର୍ଷ ତଳର । ହେରାପଂଚମୀ ଠାରୁ ପୋଡ଼ ପିଠା ପ୍ରସ୍ତୁତି ଆରମ୍ଭ ହୋଇ ଥାଏ । ସେଥିରେ ଛେନା, ଅଟା, ଚିନି, ଘିଅ, ଅଳେଇଚ, ଲବଙ୍ଗ, ଖିସମିସ୍ ଏବଂ ବାଦାମ ବ୍ୟବହାର କରାଯାଏ । ବାଙ୍ଗ ମାଧ୍ୟମରେ ତାହାକୁ ସିଝା ଯିବା ପରେ ଭଲ ଘିଅରେ ଛଣାହୁଏ । ମହାପ୍ରଭୁ ବାହୁଡ଼ା ଦିନ ଫେରିବା ବାଟରେ ତିନୋଟି ମାଟି କୁଡ଼ିଆରେ ରଥ ସମ୍ମୁଖରେ ପୋଡ଼ପିଠା ଭୋଗ ହୋଇଥାଏ । ଏଥିପାଇଁ ପୁରୀ ରାଜା ଆଗରୁ ବର୍ଷକୁ ୧୫ଟଙ୍କା ଲେଖାଏଁ ଦେଉଥିଲେ । ଏବେ ଶ୍ରୀମନ୍ଦିର ପ୍ରଶାସନ ୬୫୦ ଟଙ୍କା ଦେଉଛି । ସେଥିରେ ତିନିରଥ ପାଇଁ ପୋଡପିଠା ପ୍ରସ୍ତୁତ କରାଯିବା ସମ୍ଭବପର ନୁହେଁ । ତେଣୁ ଅନେକ ଶ୍ରଦ୍ଧାଳୁ ଭକ୍ତ ଏଥିପାଇଁ ଅର୍ଥଦାନ କରନ୍ତି । ପୋଡ଼ପିଠା ଭୋଗପରେ ସେମାନଙ୍କୁ କିଛି କିଛି ଭୋଗ ଦିଆଯାଏ ।



## ଅଧର ପଣା

◆ ରାମଚନ୍ଦ୍ର ବେହେରା

ବରଷକେ ଥରେ ଆଷାଢ଼ ଶୁକଳେ
ଶୁଭ ଏକାଦଶୀ ଦିନ
ପୂଣ୍ୟ ବଡ଼ଦାଣ୍ଡେ ସୁନାବେଶ ହୋଇ
ଚମକନ୍ତି କଳାଧନ
ପରଦିନ ରଥ ପରେ
ଅଧର ପଣାର ଲାଗି ହୋଇଥାଏ
ଦେଖି ଭକ୍ତିଭାବ ଭରେ ।
ଅଧର ଉଚ୍ଚର ମାଟିହାଣ୍ଡି ଆସି
ରଥପରେ ହୁଏ ଖଂଜା
କ୍ଷୀର ସର ଛେନା କର୍ପୂର କଦଳୀ
ଗୁଡ ହୋଇଥାଏ ଖୋଜା
ହୁଏ ପଣାଲାଗି ବିଧି
ପରେ ଭଂଗାଯାଏ ପଣାହାଣ୍ଡି ରଥେ
ମାନି ରଥଯାତ୍ରା ନୀତି ।
ବିଶ୍ୱାସ ରହିଛି ଚଣ୍ଡି ଓ ଚାମୁଣ୍ଡା
ସେ ପଣାକୁ ପାନ କରି
ଆତ୍ମତୃପ୍ତି ଲାଭ କରନ୍ତି ହରଷେ
ରଥପରେ ଅଶରୀରୀ
ପବିତ୍ର ଏ ପଣା ବିଧି
ଲାଗି ମାଧ୍ୟମରେ ଧର୍ମ ଦୁନିଆକୁ
ଦିଅଇ ଅମୃତ ଭେଟି ।
ଅଶରୀରୀଂକର ଆତ୍ମ ତୋଷ କରି
ଭାଇ ଭଉଣୀଂକ ସହ
ନୀଳାଦ୍ରିରେ ବିଜେ କରନ୍ତି ଶ୍ରୀମୁଖ
ଭୁଲି ଜନ୍ମବେଦୀ ମୋହ
ଫେରେ ଶ୍ରୀମନ୍ଦିର ଶିରୀ
ଆନନ୍ଦ ବଜାର ହୁଏ କୋଳାହଳ
ଅବଢ଼ା ଅନ୍ନକୁ ଧରି ।

*ତେନ୍ତୁଳିପଦା, ଜଗତସିଂହପୁର, ମୋ-୭୩୫୫୬୩୪୩୪୬*

# ଭେଟ ମଣ୍ଡପ

# ମହାଲକ୍ଷ୍ମୀ, ଭେଟ ମଣ୍ଡପ ଓ ରସଗୋଲା ଭୋଗ

ସିଂହଦ୍ୱାର ପାର୍ଶ୍ୱରେ ଥିବା ଭେଟ ମଣ୍ଡପକୁ ମା'ଲକ୍ଷ୍ମୀ ଠାକୁରାଣୀ ଆଜି ବିଜେ ହେବେ । ଶ୍ରୀଜଗନ୍ନାଥ ମହାପ୍ରଭୁ ରଥ ସିଂହାସନରୁ ଓହ୍ଲାଇ ରଥ ଗୁମୁଟରୁ ବାହାରିଲା ବେଳକୁ ଭେଟ ମଣ୍ଡପରେ ମା'ବିରାଜମାନ କରିଥିବେ । ରଥ ଉପରେ ମହାପ୍ରଭୁଙ୍କୁ ଓ ଭେଟ ମଣ୍ଡପରେ ମା'ଲକ୍ଷ୍ମୀ ଠାକୁରାଣୀଙ୍କୁ ଏକା ସମୟରେ ବନ୍ଦାପନା କରାଯିବ । ଉଭୟଙ୍କ ଆଳତୀ କରାଯିବ । ଏହି ଦିନ ନାଟ ମଣ୍ଡପରେ ବଭୀଷଣ ବନ୍ଦାପନ ମଧ୍ୟ କରାଯାଏ । ନୀଳାଦ୍ରି ବିଜେରେ ହଜାର ହଜାର ଭକ୍ତଙ୍କ ଉପସ୍ଥିତିରେ ଦେବ ଦମ୍ପତିଙ୍କର ଏହି ମାନବୀୟ ଲୀଳା ଅନୁଷ୍ଠିତ ହେବ । ଗୋଟି ପହଣ୍ଡିରେ ଶ୍ରୀରାମକୃଷ୍ଣ, ଶ୍ରୀ ମଦନମୋହନ, ଶ୍ରୀସୁଦର୍ଶନ ଦେବ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ରତ୍ନ ସିଂହାସନରେ ବିଜେ କରାଯିବା ପରେ ମହାପ୍ରଭୁଙ୍କୁ ରଥରୁ ଶ୍ରୀମନ୍ଦିରକୁ ନେବା ପ୍ରସ୍ତୁତି ଆରମ୍ଭ ହୁଏ । ମହାପ୍ରଭୁ ଶ୍ରୀମନ୍ଦିରକୁ ଯିବାକୁ ପ୍ରସ୍ତୁତ ହେଉଥିବା ଖବର ପାଇବା କ୍ଷଣି ଧର୍ମପତ୍ନୀ ଲକ୍ଷ୍ମୀ ଠାକୁରାଣୀ ଭେଟ ମଣ୍ଡପକୁ ଆସି ସ୍ୱାମୀଙ୍କ ବାବଦରେ ଖବର ନିଅନ୍ତି । ଧର୍ମପତ୍ନୀଙ୍କୁ ସାଙ୍ଗରେ ନ ନେଇ ଘୋଷଯାତ୍ରାରେ ଯାଇଥିବାରୁ ମହାପ୍ରଭୁଙ୍କୁ ମା'ଲକ୍ଷ୍ମୀ ଠାକୁରାଣୀଙ୍କ ରୋଷର ଶିକାର ହେବାକୁ ହୋଇଥାଏ ।

ଲକ୍ଷୟତି ବା ପଶ୍ୟତୀତି ଲକ୍ଷ୍ମୀ - ଯାହା ବିଭୂତି ବା ଐଶ୍ୱର୍ଯ୍ୟ ବାଚକ, ଯିଏ ଅର୍ଥ ଓ ଐଶ୍ୱର୍ଯ୍ୟର ଦେବୀ, ପଢ଼ିଦାତ୍ରୀ, ପାଳନକର୍ତୀ - ଯିଏ ନଥିଲେ ମନୁଷ୍ୟର ସ୍ଥିତି ଓ ପ୍ରଗତି ଅସମ୍ଭବ । ମା'ଲକ୍ଷ୍ମୀ ହେଉଛନ୍ତି ସୃଷ୍ଟିର ପାଳନକର୍ତୀ ଓ ପଢ଼ିଦାତ୍ରୀ ଠାକୁରାଣୀ । ପୃଥିବୀର ସର୍ବପ୍ରାଚୀନ ଋଗ୍‌ବେଦରେ ଲକ୍ଷ୍ମୀଙ୍କୁ ଶ୍ରୀସୂକ୍ତ ଓ ଲକ୍ଷ୍ମୀ ସୂକ୍ତରେ ଯେଉଁ ପ୍ରାର୍ଥନା କରାଯାଉଛି ତାହା ଦାରିଦ୍ର୍ୟ ଦୂର କରିବା ପାଇଁ ଅବ୍ୟର୍ଥ ଔଷଧ । ଉକ୍ତ ପ୍ରାର୍ଥନାଟି ଏହିପରି - ହେ ପଦ୍ମମୁଖୀ, ପଦ୍ମଗାତ୍ରୀ, ପଦ୍ମନୟନା, କମଳପ୍ରିୟା ଲକ୍ଷ୍ମୀ, ତୁମେ ବିଷ୍ଣୁ ପ୍ରାଣ ବଲ୍ଲଭା ଓ ବିଶ୍ୱର ସବୁଠୁ ପ୍ରିୟ ଦେବୀ, ତୁମର ଚରଣ-କମଳ ମୋ ଘରେ, ମୋ ଉପରେ ସବୁବେଳେ ବିରାଜମାନ କରୁ । ହେ ପଦ୍ମମୁଖୀ, ପଦ୍ମସମ୍ଭବା, କୋମଳାଂଗୀ





ଦେବୀ, ମୁଁ ତୁମକୁ ଭଜନ କରୁଛି, ମୋ ଉପରେ ଦୟା ଦୃଷ୍ଟି ରଖିଥାଅ, ଯେମିତି ସବୁପ୍ରକାର ସୁଖ ସମୃଦ୍ଧି ମୋତେ ମିଳୁ । ଏହି ବେଦମନ୍ତ୍ର ପାଠ କଲେ ଧନସମ୍ପତି, ତେଜ, ଆୟୁ ଓ ଆରୋଗ୍ୟ ଲାଭ ହୁଏ । ଶରୀରର ଶୋଭା ବୃଦ୍ଧି ହୁଏ, ଅନ୍ତଃକରଣ ଶୁଦ୍ଧ ହୁଏ । ଧନଧାନ୍ୟ, ଗୋ-ମହିଷାଦି, ପୁତ୍ର ପୁତ୍ରୀ ପ୍ରାପ୍ତ ହୁଏ ଓ ଆୟୁ ଶହେ ବର୍ଷ ହୁଏ । ମହାଲକ୍ଷ୍ମୀଙ୍କର ଏ ସମସ୍ତ ଜନ୍ମ ରହସ୍ୟ ଓ ଋଗ୍‌ବେଦୀୟ ମାହାତ୍ମ୍ୟ, ଆମ ଆରାଧ୍ୟ ସର୍ବଶ୍ରେଷ୍ଠ ଦେବତା ଶ୍ରୀଜଗନ୍ନାଥଙ୍କ ବଡ଼ଦେଉଳରେ ବିଶେଷ ଭାବରେ ପ୍ରତିଫଳିତ । ସିଂହଦ୍ୱାର ସମ୍ମୁଖରେ ଲକ୍ଷ୍ମୀ ବା ଶ୍ରୀଙ୍କର ସ୍ୱାଗତ ଭଙ୍ଗୀରେ ଉପବିଷ୍ଟ ମୂର୍ତି - ଶ୍ରୀମନ୍ଦିର ନାମକରଣର ଔଚିତ୍ୟ ପ୍ରମାଣ କରେ । ପରଂବ୍ରହ୍ମ ଜଗନ୍ନାଥଙ୍କ ପଶ୍ଚାତଭାଗରେ ତାଙ୍କର ତ୍ରିଗୁଣ ଶକ୍ତି ହେଲେ ମହାକାଳୀ, ବିମଳା, ମହାସରସ୍ୱତୀ ଓ ମହାଲକ୍ଷ୍ମୀ । ସିଂହଦ୍ୱାର ପାର୍ଶ୍ୱରେ ଥିବା ଭେଟ ମଣ୍ଡପକୁ ମା'ଲକ୍ଷ୍ମୀ ଠାକୁରାଣୀ ଆଜି ବିଜେ ହେବେ । ଶ୍ରୀଜଗନ୍ନାଥ ମହାପ୍ରଭୁ ରଥ ସିଂହାସନରୁ ଓହ୍ଲାଇ ରଥ ଗୁମୁଟରୁ ବାହାରିଲା ବେଳକୁ ଭେଟ ମଣ୍ଡପରେ ମା'ବିରାଜମାନ କରିଥିବେ । ରଥ ଉପରେ ମହାପ୍ରଭୁଙ୍କୁ ଓ ଭେଟ ମଣ୍ଡପରେ ମା'ଲକ୍ଷ୍ମୀ ଠାକୁରାଣୀଙ୍କୁ ଏକା ସମୟରେ ବନ୍ଦାପନା କରାଯିବ । ଉଭୟଙ୍କ ଆଳତୀ କରାଯିବ । ଏହି ଦିନ ନାଟ ମଣ୍ଡପରେ ବିଭୀଷଣ ବନ୍ଦାପନ ମଧ୍ୟ କରାଯାଏ । ନୀଳାଦ୍ରି ବିଜେରେ ହଜାର ହଜାର ଭକ୍ତଙ୍କ ଉପସ୍ଥିତିରେ ଦେବ ଦମ୍ପତିଙ୍କର ଏହି ମାନବୀୟ ଲୀଳା ଅନୁଷ୍ଠିତ ହେବ । ଗୋଟି ପହଣ୍ଡିରେ ଶ୍ରୀରାମକୃଷ୍ଣ, ଶ୍ରୀମଦନମୋହନ, ଶ୍ରୀସୁଦର୍ଶନ ଦେବ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ରତ୍ନ ସିଂହାସନରେ ବିଜେ କରାଯିବା ପରେ ମହାପ୍ରଭୁଙ୍କୁ ରଥରୁ ଶ୍ରୀମନ୍ଦିରକୁ ନେବା ପ୍ରସ୍ତୁତି ଆରମ୍ଭ ହୁଏ । ମହାପ୍ରଭୁ ଶ୍ରୀମନ୍ଦିରକୁ ଯିବାକୁ ପ୍ରସ୍ତୁତ ହେଉଥିବା ଖବର ପାଇବା କ୍ଷଣି ଧର୍ମପତ୍ନୀ ଲକ୍ଷ୍ମୀ ଠାକୁରାଣୀ ଭେଟ ମଣ୍ଡପକୁ ଆସି ସ୍ୱାମୀଙ୍କ ବାବଦରେ ଖବର ନିଅନ୍ତି । ଧର୍ମପତ୍ନୀଙ୍କୁ ସାଙ୍ଗରେ ନ ନେଇ ଘୋଷଯାତ୍ରା ଯାଇଥିବାରୁ ମହାପ୍ରଭୁଙ୍କୁ ମା'ଲକ୍ଷ୍ମୀ ଠାକୁରାଣୀଙ୍କ ରୋଷର ଶିକାର ହେବାକୁ ହୋଇଥାଏ । ନୀଳାଦ୍ରି ବିଜେ ନୀତି ସହ ରସଗୋଲା ବା ରସଗୋଲାର ଗଭୀର ସଂପର୍କ । ଅଭିମାନିନୀ ପତ୍ନୀ ଲକ୍ଷ୍ମୀଙ୍କୁ ରସଗୋଲା ଉପହାର ଦିଅନ୍ତି ମହାପ୍ରଭୁ । ମହାପ୍ରଭୁଙ୍କୁ ମଧ୍ୟ ଭୋଗ ଲାଗେ ରସଗୋଲା । ଶ୍ରୀମନ୍ଦିରରେ କେବଳ ଏହି ଗୋଟିଏ ଦିନ ରସଗୋଲା ଭୋଗ ହୁଏ । ଏହାପରେ ମହାପ୍ରଭୁ ବିଜେ କରିଥାନ୍ତି ରତ୍ନ ସିଂହାସନକୁ । ଗୋଟିଏ ବର୍ଷ ପାଇଁ ରଥଯାତ୍ରାର ପରିସମାପ୍ତି ଘଟିଥାଏ ।

# ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଧରପଣା

◆ ଯୁଧିଷ୍ଠିର ମହାରଣା

ମହାପ୍ରଭୁଙ୍କ ଅଧରାମୃତ ଅଧରପଣା । ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥିରେ ପ୍ରଭୁ ରଥ ଉପରେ ବିଜେ ହୋଇଥିବା ବେଳେ ହୁଏ ଅଧର ପଣା ନୀତି । ମହାପ୍ରଭୁ ତାଙ୍କ ଯାତ୍ରା ଶ୍ରେଷ୍ଠ ରଥ ଯାତ୍ରାକୁ ସମସ୍ତ ଦେବାଦେବୀଙ୍କୁ ନିମନ୍ତ୍ରଣ କରିଥାନ୍ତି । ସେ ଦେବାଦେବୀଙ୍କ ମଧ୍ୟରୁ ତିନି ରଥରେ ୨୭ଜଣ ପାର୍ଶ୍ୱ ଦେବାଦେବୀ ଉପସ୍ଥିତ ଥାନ୍ତି । ପ୍ରଭୁ ସେମାନଙ୍କୁ ଆମନ୍ତ୍ରଣ କରି ଆଣିଥାନ୍ତି । ତେଣୁ ଯାତ୍ରା ଶେଷରେ ପଣା



ଦେଇ ସମସ୍ତଙ୍କୁ ଆପ୍ୟାୟିତ କରିଥାନ୍ତି । ପ୍ରାଚୀନ କାଳରୁ ଏହି ଅଧରପଣା ପରମ୍ପରା ଚଳି ଆସୁଛି । ସାଧାରଣତଃ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଏହି ନୀତି ସଂପାଦିତ ହୋଇଥାଏ । ପ୍ରତି ରଥରେ ତିନୋଟି କରି ତିନିରଥର ୯ଟି ହାଣ୍ଡି ପଣା ଏବଂ ରାମ, କୃଷ୍ଣଙ୍କ ପାଇଁ ଦୁଇଟି ଓ ମଦନମୋହନଙ୍କ ପାଇଁ ଗୋଟିଏ ଛୋଟ ହାଣ୍ଡି ପଣା ମଧ୍ୟ ଏହି ନୀତିରେ ଭୋଗ ହୁଏ । ଅଧର ପଣାର ଦାୟିତ୍ୱ ନେଇଥାନ୍ତି ଶ୍ରୀମନ୍ଦିର ନୀତିକାନ୍ତ ସହ ସଂପୃକ୍ତ ରାଘବ ଦାସ ମଠ, ବଡ଼ ଓଡ଼ିଆ ମଠ ଓ ଶ୍ରୀମନ୍ଦିର ପ୍ରଶାସନ । ଅଧର ପଣା ଏହି ପଣା ପାଇଁ ହାଣ୍ଡି ଯୋଗାଇଥାନ୍ତି । ହାଣ୍ଡି ଗୁଡ଼ିକ ତୁମ୍ବ ଆକୃତିର । ତିନିରଥ ଉପରେ ଅଧରପଣା ସାମଗ୍ରୀ ରଖାଯାଇଥାଏ । ପାଣିଆପଟ ନିଯୋଗର ପାଳିଆ ସେବକମାନେ ସିଂହଦ୍ୱାର ନିକଟସ୍ଥ ଛାଉଣି ମଠ ସମ୍ମୁଖ କୂଅରୁ ଶୁଦ୍ଧପୂତ ଭାବେ ବିଧିପୂର୍ବକ ଜଳ ଆଣି ପ୍ରତ୍ୟେକ ରଥରେ ଥିବା ପିତଳ ହଣ୍ଡାରେ ରଖନ୍ତି । ପାଳିଆ ମହାସୁଆର ଏଥିରୁ ପାଣି ନେଇ ପଣା ପ୍ରସ୍ତୁତ କରିଥାନ୍ତି । ପ୍ରଥମେ ବଳଭଦ୍ରଙ୍କ ରଥ ତାଳଧ୍ୱଜ, ତାପରେ ସୁଭଦ୍ରାଙ୍କ ରଥ ଦେବଦଳନ ଓ ଶେଷରେ ଜଗନ୍ନାଥଙ୍କ ରଥ ନନ୍ଦିଘୋଷରେ ଏହି ପଣା ପ୍ରସ୍ତୁତ କରାଯାଏ ଓ ପୂଜାପଣ୍ଡା ଆସି ପଂଚୋପଚାରରେ ପୂଜା କରିଥାନ୍ତି । ପଂଚମହାଭୂତର ଶାନ୍ତି ଓ ତୁଷ୍ଟି ପାଇଁ ହାଣ୍ଡି ସବୁକୁ ରଥ ଉପରେ ହିଁ ଭାଙ୍ଗି ଦିଆଯାଏ । ଅଧର ପଣା ପରଦିନ ହୋଇଥାଏ ନୀଳାଦ୍ରି ବିଜେ । ଠାକୁରେ ମନ୍ଦିର ଭିତରକୁ ବାହୁଡ଼ି ଯାଆନ୍ତି ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ : ୯୪୩୭୧୬୩୫୨୮*

◆ ତ୍ରିନାଥ ଓଝା

ଗୁଣ୍ଡିଚା ମନ୍ଦିରରୁ ଫେରିବା ପରେ ପରମ୍ପରା ଅନୁଯାୟୀ ଠାକୁରମାନଙ୍କ ସୁନାବେଶ ଓ ଅଧରପଣା ପରଦିନ ଶ୍ରୀବିଗ୍ରହମାନେ ଗୋଟିଏ ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରି ରତ୍ନ ସିଂହାସନାଧିଷ୍ଠିତ ହୋଇଥାନ୍ତି । ଏକାଦଶୀ ଦିନ ସୁନାବେଶ, ଦ୍ୱାଦଶୀରେ ଅଧରପଣା ଓ ତ୍ରୟୋଦଶୀ ତିଥିରେ ନୀଳାଦ୍ରି ବିଜେ ହୋଇଥାଏ । ଏହି ଦିନ ରଥ ଉପରେ ଠାକୁରଙ୍କ ସନ୍ଧ୍ୟାଧୂପ ନୀତି ଶେଷ ହେବା ପରେ ପ୍ରତି ରଥରେ ଚାରମାଳ ବନ୍ଧା ହୋଇଥାଏ । ପ୍ରଥମେ ବିଜେ କାହାଳୀ ବାଜିବା ପରେ ବନ୍ଦାପନା ଓ ଡୋରି ଲାଗି ନୀତି ହୋଇଥାଏ । ପୁଷ୍ପାଳକ ମହାଜନମାନେ ସର୍ବପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣୀ ଘରକୁ ବିଜେ କରାଇଥାନ୍ତି । ଏହାପରେ ଗୋଟି ପହଣ୍ଡି କ୍ରମେ, ସୁଦର୍ଶନ, ବଳଭଦ୍ର, ସୁଭଦ୍ରାଙ୍କ ପହଣ୍ଡି ହୋଇ ଗମ୍ଭୀରାକୁ ବିଜେ କରାଯାଏ । ପହଣ୍ଡି ବିଜେ ପୂର୍ବରୁ ରତ୍ନ ସିଂହାସନ ତ୍ରିମୁଣ୍ଡିରେ ଚାନ୍ଦୁଆ ବନ୍ଧାଯାଏ ଓ ଅଖଣ୍ଡ ବଇଠା ପଶେ । ଠାକୁରମାନେ ପହଣ୍ଡିରେ ଆସିବା ବେଳେ ମନ୍ଦିର ପରିସରସ୍ଥ ଶୁଆଣାରୀ ଦେଉଳ ଠାରେ ପ୍ରସାଦ ଲାଗି, ଘଷା, ବିଡ଼ିଆ ମଣୋହି ଓ ବନ୍ଦାପନା ନୀତି ବଢ଼ିଥାଏ । ଜଗମୋହନ ଠାରେ ମଧ୍ୟ ଏହି ନୀତି ପାଳିତ ହୋଇଥାଏ । ଜଗନ୍ନାଥ ମହାପ୍ରଭୁ ପହଣ୍ଡି ବିଜେ କରି ଚାର ଉପରକୁ ଆସିଲେ ଲକ୍ଷ୍ମୀ ଠାକୁରାଣୀ ଭେଟ ମଣ୍ଡପକୁ ଆସିଥାନ୍ତି । ଉଭୟ ଜଗନ୍ନାଥ ଓ ଲକ୍ଷ୍ମୀ ଠାକୁରାଣୀ ପରସ୍ପର ସହ ଭେଟ ହୋଇଥାନ୍ତି । ଏହାପରେ ଲକ୍ଷ୍ମୀଙ୍କ ତରଫରୁ ଭିତରଛ ବନ୍ଦାପନା ନୀତି ବଢ଼ାଯାଇଥାଏ । ଏହି ସମୟରେ ପରମ୍ପରା ଅନୁଯାୟୀ ମହାପ୍ରଭୁ ସିଂହଦ୍ୱାର ନିକଟରେ ପହଂଚିବା ମାତ୍ରେ ସାମୟିକ ଭାବେ ଦ୍ୱାର ବନ୍ଦ ରହିଥାଏ ଓ କିଛି କ୍ଷଣ ପରେ ଦ୍ୱାର ଖୋଲିଥାଏ । ପୁନଶ୍ଚ ଜଗନ୍ନାଥ ମହାପ୍ରଭୁ ଜୟବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଉକ୍ତ ଦ୍ୱାର ଭିତର ପଟୁ ବନ୍ଦ କରାଯାଇଥାଏ । ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଜୟବିଜୟ ଦ୍ୱାର ଭିତରେ ପଟେ ଜନୈକ ଦେବଦାସୀ ଏବଂ ମହାପ୍ରଭୁଙ୍କ ତରଫରୁ ଜଣେ ଦଇତାପତି ଦ୍ୱାରର ଅପରପାର୍ଶ୍ୱରେ ରହିବା ସଂଗେ ସଂଗେ ଉଭୟଙ୍କ ମଧ୍ୟରେ ଲୋକ ପରମ୍ପରାଗତ ବଚନିକା ପରେ ଜୟବିଜୟ ଦ୍ୱାର ଫିଟିଥାଏ । ମହାପ୍ରଭୁ ପହଣ୍ଡି ବିଜେ କରିବା ସମୟରେ ଭିତର କାଠ ସମ୍ମୁଖସ୍ଥ ଭଣ୍ଡାର ଘର ଠାରେ ପହଂଚିବା ପରେ ଗଇଁଠାଳ (ରୁକ୍ମିଣୀ ବିବାହ କାଳର) ଫିଟେ ଓ ବନ୍ଦାପନା, ରସଗୋଲା ଭୋଗ ଇତ୍ୟାଦି ଭିତରଛ ମହାପାତ୍ରଙ୍କ ଦ୍ୱାରା ସମାହିତ ହୋଇଥାଏ । ଏହାପରେ ଘସା, ବିଡ଼ିଆ ମଣୋହି ସରିଲେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ ହୋଇଥାନ୍ତି । ଏହି ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ରସଗୋଲା ଭୋଗ ହୋଇଥାଏ । ଭିତରଛ ମହାପାତ୍ରଙ୍କ ନିଜସ୍ୱ ଗୃହରେ ଅତ୍ୟନ୍ତ ଶୁଦ୍ଧପୂତ ଭାବେ ଏହି ରସଗୋଲା ତିଆରି ହୋଇଥାଏ । କଥିତ ଅଛି ଯେ, ମହାପ୍ରଭୁ ଲକ୍ଷ୍ମୀ ଠାକୁରାଣୀଙ୍କୁ ରସଗୋଲା ଖୁଆଇ ମନୋରଞ୍ଜନ କରିଥିଲେ ।

*ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ, :୯୨୩୮୬୦୨୮୨୫*

◆ ଶ୍ୟାମ ସୁନ୍ଦର ସାମଲ

ଆଷାଢ଼ ଶୁକ୍ଳ ଦ୍ୱାଦଶୀ ତିଥିରେ ମହାପ୍ରଭୁଙ୍କ ଅଧରପଣା ଏବଂ ଗରୁଡ଼ ଶୟନ ନୀତି ସମ୍ପନ୍ନ ହେବ । ଠାକୁରଙ୍କ ସୁନାବେଶ ପରଦିନ ଏହି ନୀତି ସମ୍ପାଦିତ ହୋଇଥାଏ । ଏଥିଲାଗି କୁମ୍ଭକାରଙ୍କ ଦ୍ୱାରା ସ୍ୱତନ୍ତ୍ର ହାଣ୍ଡି ପ୍ରସ୍ତୁତ କରାଯାଇଛି । ତାହାକୁ ଅଧରପଣା ହାଣ୍ଡି କୁହାଯାଏ ।



ଏହି ହାଣ୍ଡିରେ ପଣା ପ୍ରସ୍ତୁତ ହୋଇ ଠାକୁରଙ୍କ ପାଖରେ ଲାଗି ହେବ । ପ୍ରତି ଠାକୁରଙ୍କ ପାଖରେ ୩ ହାଣ୍ଡି ଲେଖାଏ ପଣା ଲାଗି ହେବ । ଠାକୁରଙ୍କ ପାଖରେ ପଣା ଭୋଗ ହେବା ପରେ ପଣାହାଣ୍ଡିକୁ ଭାଙ୍ଗି ଦିଆଯିବାର ବିଧି ରହିଛି । ରଥରେ ଠାକୁରଙ୍କ ମଧ୍ୟାହ୍ନ ଧୂପ ନୀତି ବଢ଼ିବା ପରେ ଅଧରପଣା ନୀତି ଏବଂ ବଡ଼ସିଂହାର ନୀତି ପରେ ଗରୁଡ଼ ଶୟନ ନୀତି ସମ୍ପନ୍ନ ହେବ । ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଗବେଷଣା ଅଧିକାରୀ ଡ.ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ରଥ ଉପରେ ସୁନାବେଶ ପରଦିନ ଅଧରପଣା ନୀତି ସମ୍ପନ୍ନ ହୋଇଥାଏ । ତାନ୍ତ୍ରିକ ମତରେ ନବଦ୍ରବ୍ୟର ମିଶ୍ରଣରେ ପ୍ରସ୍ତୁତ ହୁଏ ଅଧରପଣା । ଅଧର ପର୍ଯ୍ୟନ୍ତ ଉଚ୍ଚ ହୋଇଥିବା ହାଣ୍ଡିରେ ଏହା ମହାପ୍ରଭୁଙ୍କୁ ସମର୍ପଣ କରାଯାଏ । ଓଡ଼ିଶାର ଗାଁ ଗହଳିରେ ଦଶହରା ପଦାର ପଣାହାଣ୍ଡି ମେଲାଣି ପରି ଏଠି ମଧ୍ୟ ଅଧରହାଣ୍ଡି ଭାଙ୍ଗି ଦିଆଯାଇଥାଏ । ବର୍ଷସାରା ଦେହ ଛାଡ଼ିଥିବା ଜୀବଟି କର୍ମକୁ ନେଇ ଭୂତ, ପ୍ରେତ, ଲୋକିନି, ଶାକିନି, ଡାକିନୀ କି ବ୍ରହ୍ମରାକ୍ଷସ ହେଉ ରଥପଟା ଦେଇ ତଳକୁ ନିଗିଡ଼ି ପଡୁଥିବା ଟୋପା ଟୋପା ସମର୍ପିତ ପଣାକୁ ତଳେ ପଡ଼ିବା ପୂର୍ବରୁ ଶୂନ୍ୟରୁ ଚାଟି ନେଇ ମୁକ୍ତିର ପଥ ପବିତ୍ର ଅନ୍ତରୀକ୍ଷ ଦେଇ ଗତି କରିଥାନ୍ତି । ମୃତ୍ୟୁ ତତ୍ତ୍ୱ ଅନୁଯାୟୀ ଏହିମାନେ କୂଅ, ପୋଖରୀ, ନଈ କିମ୍ବା ପାତ୍ରରୁ ଜଳ ଟୋପାଏ ପିଇବା ଅସମ୍ଭବ । ସେହି ଅସମ୍ଭବକୁ ସମ୍ଭବ କରିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ ।

*ପୂର୍ବତନ କେନ୍ଦ୍ରାଂଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ, : ୯୭୭୮୬୩୫୯୨୬*

ଆଷାଢ଼ଶୁକ୍ଳ ଦ୍ୱାଦଶୀଦିନ ନୀଳାଦ୍ରିବିଜେ ନୀତି ଶ୍ରୀମନ୍ଦିରରେ ଅନୁଷ୍ଠିତ ହୁଏ । ଗୋଟି ପହଣ୍ଡିରେ ଠାକୁର ମାନେ ଶ୍ରୀମନ୍ଦିର ରତ୍ନବେଦୀକୁ ବିଜେ କରନ୍ତି । ସନ୍ଧ୍ୟାଧୂପ ସରିବା ପରେ ବିଜେ କାହାଳି ବାଜି ପହଣ୍ଡି ଆରମ୍ଭ ହୁଏ । ଗୁଣ୍ଡିଚା ଘରକୁ ପହଣ୍ଡି ବେଳେ ଯେଉଁ ସବୁ ନୀତିରେ ପହଣ୍ଡି ହୋଇଥାଏ, ସେହି ନୀତି ଅନୁସାରେ ଏଠି ପହଣ୍ଡି ହୁଏ । ରାଘବ ଦାସ ମଠ ଟାହିୟା ଯୋଗାଇଥାନ୍ତି । ପହଣ୍ଡି ପୂର୍ବରୁ ରତ୍ନସିଂହାସନ ତ୍ରିମୁଣ୍ଡିରେ ଚାନ୍ଦୁଆ ବନ୍ଧା ହୋଇଥାଏ । ଅଖଣ୍ଡା ବାଇଠା ବସେ । ବଡ଼ଠାକୁର ବଳଭଦ୍ର ଓ ସୁଭଦ୍ରା ପହଣ୍ଡି ହୋଇ ସିଂହାସନକୁ ଆସନ୍ତି । ଆସିଲା ବେଳେ ପ୍ରତ୍ୟେକ ଠାକୁରଙ୍କୁ ଶୁଆଣାରୀ ଦେଉଳ ଠାରେ ପତିମହାପାତ୍ରେ ପ୍ରସାଦ ଲାଗି ଘସି ବଡ଼ିଆ ମଣୋହି ଓ ବନ୍ଦାପନା କରନ୍ତି । ଜଗମୋହନ ଠାରେ ମଧ୍ୟ ସେହି ନୀତି ହୁଏ । ଶ୍ରୀଜଗନ୍ନାଥ ରଥରୁ ଘରମାଳ ଉପରକୁ ଓହ୍ଲାଇଲେ ଲକ୍ଷ୍ମୀ ଠାକୁରାଣୀ ଦେବଦାସୀ ସହ ଭେଟ ମଣ୍ଡପଠାରେ ଅଟଶେଯ ମେକାପ ପକାଇଥିା ଡମ୍ବରୁ ଉପରେ ବିଜେ କରିଥାଆନ୍ତି । ରଥରେ ଠାକୁରଙ୍କ ବନ୍ଦାପନା ହେଲେ ଭିତରକୁ ମହାପାତ୍ରେ ଏହାଙ୍କର ବନ୍ଦାପନା କରନ୍ତି । ଲକ୍ଷ୍ମୀ ଭଣ୍ଡାରଘରକୁ ବିଜେ କରନ୍ତି । ଏହାପରେ ଦେବଦାସୀ ଯାଇ ଶ୍ରୀଜଗନ୍ନାଥଙ୍କ ସିଂହଦ୍ୱାରକୁ ଆସିବାପୂର୍ବରୁ ଦରଜା ବନ୍ଦ କରି ଦେଇଥାଆନ୍ତି । ମହାପ୍ରଭୁ ଶ୍ରୀ ଜଗନ୍ନାଥ ସିଂହଦ୍ୱାରକୁ ଆସିଲେ ଫିଟାଇ ଦିଅନ୍ତ । ତା'ପରେ ମହାପ୍ରଭୁ ଭିତରକୁ ବିଜେ କରନ୍ତି । 'ନୀଳାଦ୍ରି ବିଜେ' ଦିନ ଲୁଗା ଲାଗି ହୁଏ ମହାପ୍ରଭୁଙ୍କର । ସିଙ୍ଗଡ଼ା ୧ ଗଜକୁ ନେତାଫିଟା ଶାଢ଼ି, ଭିତରଟେରୋକୁ ପତନିଫେଟା ଶାଢ଼ି, ବାହରଟେରୋକୁ ପତନି ଶାଢ଼ି, ମେକାପ, ସିଂହାସନ ପୋଛାକୁ ଶ୍ରୀକାପତା, ପୁଷ୍ପାଞ୍ଜଳି, ଚକାପୋଛା ଓ ରୁନ୍ଧାକୁ ଶ୍ରୀକାପଡ଼ା, ପୂଜାପଣ୍ଡା ଚାର ଆଜ୍ଞାମାଳକୁ ଶ୍ରୀକାପଡ଼ା, କଟି ସୂତ୍ରକୁ ପତନି ଶାଢ଼ି, ଲୋକନାଥେ ଓ ଜମ୍ବେଶ୍ୱରଙ୍କ କାହାଳିଆ ପତନି ଫେଟା, ତିନିଥର ସେନାପଟି ଲାଗିକୁ ପତିନଶାଢ଼ି ଓ ଖଣ୍ଡୁଆ, କେନ୍ଦୁଲି ଶାଢ଼ି ଖଣ୍ଡୁଆ, ଶ୍ରୀ ଅଙ୍ଗଲାଗି ବେଶ ଶାଢ଼ି, ଗରୁଡ଼ ଶୟନକୁ ଦେଶୀ ଶ୍ରୀକାପଡ଼ା, ଚେମେଡ଼ି, ରଥ ବାହୁକନେବା କେନ୍ଦୁଲି ଶାଢ଼ି, ଚକ୍ରବୁଲା ଏକାଦଶୀ ଓ ଶାଳଗ୍ରାମ ବନ୍ଧାକୁ ପତନିଶାଢ଼ି ପ୍ରଭୃତି ଏହି ନୀତିରେ ଲାଗି ହୁଏ । 'ନୀଳାଦ୍ରିବିଜେ'

## ଅଧର ପଣା

◆ ଉତ୍କଳାନନ୍ଦ ଅଜୟ କୁମାର ବେହେରା





ପରଦିନ ରତ୍ନବେଦୀରେ ବିଜେ କରିଥିବା ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଯେଉଁ ଅନ୍ନ ମହାପ୍ରସାଦ ବା ଅଭଡ଼ା ଭୋଗ ହୋଇଥାଏ, ତାହାକୁ ନୀଳାଚନ ଅବଢ଼ା ବୋଲି କହନ୍ତି । ସେଥିରୁ କାଣିଚାଏ ପାଇବା ପାଇଁ ଭକ୍ତ ତଥା ଶ୍ରଦ୍ଧାଳୁଙ୍କ ମନରେ ଅପୂର୍ବ ଉତ୍କଣ୍ଠା ଓ ଆବେଗ ଜାତ ହୋଇଥାଏ । ସୁନାବେଶ ପର ଦିନ ପରମ୍ପରା ମୁତାବକ ରଥାରୂଢ଼ ଶ୍ରୀବିଗ୍ରହମାନଙ୍କୁ ରଥ ଉପରେ ଅଧର ପଣା ଲାଗି ହୋଇଥାଏ । ତିନି ବାଡ଼ାରେ ଅଧରପଣା ନୀତି ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଂଟ ହୋଇଥାଏ ।

ଠାକୁରମାନଙ୍କ ଅଧର ଉଚ୍ଚାର ଏକ ସ୍ୱତନ୍ତ୍ର ଶୈଳିରେ ନିର୍ମିତ ମାଟି ହାଣ୍ଡିରେ ଏହି ପଣା ଲାଗି ହେବା ବିଶେଷ ଆକର୍ଷଣ ହେବ । ଏହି ନୀତିରେ ତିନି ରଥରେ ମୋଟ ୯ ଗୋଟି ପାତ୍ର ସଜ ବସାଯିବ । ସିଂହଦ୍ୱାର ସାମ୍ନା ଛାଉଣୀ ମଠର କୂଅରୁ ପାଣିଆ ଆପଟ ସେବକମାନେ ପାଣି ଆଣି ପିତଳ ହଣ୍ଡାରେ ରଖିବେ । ପରେ ଅଧର ହାଣ୍ଡି ଉପରେ ଜାଲି କପଡ଼ା ଦିଆଯାଇ ପାଣି ଭରାଯିବ । ସୁପକାରମାନେ ଅଧର ହାଣ୍ଡିରେ ପଣା ପ୍ରସ୍ତୁତ କରିବେ । ଛାଚି, ସର, କଦଳୀ, ଛେନା, ଗୋଲମରିଚ ଗୁଣ୍ଡ, କର୍ପୂର, ଜାଇଫଳ ଆଦି ମିଶାଇ ଏହି ପଣା ପ୍ରସ୍ତୁତ କରାଯିବ । ଏହାପରେ ପତ୍ରିବଡୁ, ସୁଆରବଡୁ, ଗରାବଡୁ ପାଳିଆ ସେବକ ତିନି ରଥରେ ପୂଜାପାଠ କରିବେ । ପାଳିଆ ପୂଜା ପଣ୍ଡା ପଂଚ ଉପଚାରରେ ପୂଜା କରିବେ । ଏହା ତିନି ରଥର ପଣା ହାଣ୍ଡିକୁ ବଡ଼ଦେଉଳ ପରରା ମୁତାବକ ଭଙ୍ଗା ଯିବ । ବିଶ୍ୱାସ ରହିଛି ଏହି ପଣାକୁ ଅଶରୀରୀମାନଙ୍କ ଉଦ୍ଧାର ପାଇଁ ରଥ ଉପରେ ଅଧର ହାଣ୍ଡି ଭଙ୍ଗାଯାଇଥାଏ । ଅଧର ପଣାକୁ ପରମ୍ପରା ମୁତାବକ ସମର୍ପଣ କରାନଯାଇ ଉତ୍ସର୍ଗ କରାଯାଇ ଥାଏ । ପତିତମାନଙ୍କ ପାଇଁ ସାଧାରଣତଃ ସର୍ମପଣ କରାଯାଉ ନଥିବାରୁ ଏହି ପଣାକୁ ଉତ୍ସର୍ଗ କରାଯାଇ ଥାଏ ବୋଲି ଗବେଷକ ମାନେ ମତ ଦିଅନ୍ତି । ଅନ୍ୟ କେତେକ ମତରେ ରଥର ପାର୍ଶ୍ୱ ଦେବଦେବୀ, ଚଣ୍ଡି, ଚାମୁଣ୍ଡା ମାନଙ୍କ ପାଇଁ ପଣା ଭରପୁର ଅଧର ହାଣ୍ଡି ଭଙ୍ଗାଯାଇଥାଏ । ଆଷାଢ଼ ଶୁକ୍ଳ ଦ୍ୱାଦଶୀ ତିଥିରେ ରାଥାରୂଢ଼ ଶ୍ରୀବିଗ୍ରହମାନଙ୍କୁ ଅଧର ପଣା ଲାଗି ହୋଇଥାଏ । ମହାସ୍ନାନ, ସର୍ବାଙ୍ଗ, ବେଶଶେଷ ହୋଇ ଅଧର ନୀତି ହେବ । ନୀତି ନିର୍ଘଂଟ ମୁତାବକ ଅଧର ପଣା ନୀତି ଶେଷ ହେବ । ଅଧର ପଣା ନୀତି ପରେ ମହାସ୍ନାନ, ମଇଲମ, ବେଶ, ସଂଧ୍ୟା ଆଳତୀ, ସନ୍ଧ୍ୟାଧୂପ, ବଡ଼ସିଂହାର ଭୋଗ ବଢ଼ି ତିନି ରଥରେ ପହୁଡ଼ ନୀତି ସଂପନ୍ନ କରାଯିବ । ଅଧରପଣା ନୀତି ପର ଦିନ ଶ୍ରୀ ବିଗ୍ରହ ମାନେ ନୀଳାଦ୍ରି ବିଜେରେ ଶ୍ରୀମନ୍ଦିର ରତ୍ନ ସିଂହାସନରେ ଅଧିଷ୍ଠିତ ହେବାର ପରମ୍ପରା ରହିଛି ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ : ୯୪୩୭୦୩୧୨୫୩*












# ଜୟନ୍ତୀ ସତ୍ୟବାଦୀର ସଖା-ପଣ୍ଡିତ ଗୋଦାବରୀଶ

ସଭ୍ୟତାର ସୂର୍ଯ୍ୟାଦୟ ଠାରୁ କେତେ ମହାମନିଷୀ, ଜ୍ଞାନୀ, କବି, ଭାବୁକ, ରସିକ, ମହାପୁରୁଷ ଏହି ସୌନ୍ଦର୍ଯ୍ୟମୟୀ ଉତ୍କଳର ପ୍ରମୋଦ ଉଦ୍ୟାନଙ୍କୁ ଆଲୋକିତକରିସତ୍ୟ,ଦୟାକ୍ଷମା ଓ ଶନ୍ତି ର ଆଦର୍ଶକୁ ଦୀପ୍ତିମନ୍ତ କରିଛନ୍ତି । ସେମାନଙ୍କମଧ୍ୟର ସତ୍ୟବାଦୀରସଖା ପଣ୍ଡିତ ଗୋଦାବରୀଶ ମିଶ୍ର ଅନ୍ୟତମ । ୧୮୮୬ ମସିହା ଅକ୍ଟୋବର ୨୬ ତାରିଖକାର୍ତୀକ ଦୀପାବଳୀ ଅମାବାସ୍ୟା ଦିନ ପୁରୀଜିଲ୍ଲାରବାଣପୁର ନିକଟସ୍ଥଶ୍ରୀନିବାସ ପୁରଶାସନରେ ଜନ୍ମଗ୍ରହଣ କରିଥିଲେ ।ତାଙ୍କର ପିତାଲିଙ୍ଗରାଜମିଶ୍ର ଥିଲେଜଣେଚଣ୍ଡୀସାଧକ ଓ ବୈଦ୍ୟ । ଗୋଦାବରୀତୀର୍ଥ ଯାତ୍ରା ପରେ ପୁତ୍ରଲାଭହୋଇଥିବାରୁ ପିତାମାତାଗୋଦାବରୀମିଶ୍ର ନାମରଖିଥିଲେ । ମାତୃଭକ୍ତକବିମଧୂସୁଦନ ଗୋଦାବରୀବାଳିକା ନାମକୁବାଳକ ନାମଗୋଦାବରୀଶମିଶ୍ରରଖିଥିଲେ । ପଣ୍ଡିତଗୋଦାବରୀ ଶସ୍କୁଲରେ ପାଠ ପଢୁଥିବା ବେଳୁସ୍ତ୍ରୀଲୋକଙ୍କ ଭଳିମୁଣ୍ଡରେଛୁଟିରଖିବା ଓ କାନରେନୋଳି ପିନ୍ଧିବାତାଙ୍କର ଥିଲା ଅଭ୍ୟାସ । ଗୋଦାବରୀଶଙ୍କରଶିକ୍ଷାଗାଁଚାଟଶାଳୀର ଅବଧାନ ଗୀରିଧର ମହାନ୍ତିଙ୍କ ପାଖରେ ଆରମ୍ଭ ହୋଇଥିଲା । ଉଚ୍ଚ ପ୍ରାଥମିକପରିକ୍ଷା ପୂର୍ବରୁତାଙ୍କରବିବାହ ସମ୍ପନ୍ନହୋଇଗଲା । ବାଣପୁରରେ ମଧ୍ୟ ଓଡିଆ ପଢିସେ ଦ୍ୱିତୀୟଶ୍ରେଣୀରେ ପାସ କରିବାରୁ ବୃତିମିଳିଲା ନାହିଁ ।ତେଣୁ ପାଠପଢା ବନ୍ଦହୋଇଗଲା । ଚଣ୍ଡୀପୂଜା, ଗଙ୍ଗାଷ୍ଟକ ବୈଦିକକର୍ମକାଣ୍ଡଇତ୍ୟାଦି ଶିକ୍ଷାକଲେ । ପିତାଙ୍କ ଅନୁପସ୍ଥିତରେଠାକୁର ପୂଜାଭାରତାଙ୍କଉପରେ ପଡିବାରୁ ସେଠାକୁରଙ୍କୁ ଖଟୁଳିରୁଉଠାଇ ଆଣିଭାତରେ ମୁହଁମାଡିଦେଇଥିଲେ ।ସେଜଣେସଂସ୍କାରି ନୀତିବାନ୍‌ବ୍ରାହ୍ମଣଟିହୋଇପାରିଲେ ନାହିଁ ।ପଇତାଛିଣ୍ଡାଇ ଆମିଷଭୋଜନ କରୁଥିଲେ । ତେଣୁଗାଁଲୋକେ ଗୋଦାବରିଶଙ୍କୁ କଳାପାହାଡ ନାମରେଡାକିଲେ । ପିତାଲିଙ୍ଗରାଜମିଶ୍ରଙ୍କ ଅଭିଳାସ ଥିଲା ପୁଅ ଗୋଟିଏ ଓକିଲହେବ ।ତେଣୁସେ ନିଜର ପୈତୃକଜମିରୁକିଛି ଅଂଶବିକିକରି ପୁରୀଜିଲ୍ଲା ସ୍କୁଲରେପାଠ ପଢିଲେ । ଅଷ୍ଟମଶ୍ରେଣୀବାର୍ଷୀକ ପରୀକ୍ଷାରେ ଦ୍ୱିତୀୟସ୍ଥାନ ରଖି ପାଶକରିଥିବାରୁ ରାମକୃଷ୍ଣ ବୋଷମାସିକ ୫ ଟଙ୍କାବୃତି ପାଇବାର ବ୍ୟବସ୍ଥା କରିଦେଲେ । ଗୋଦାବରୀଶ ଦଶମଶ୍ରେଣୀରେ ପଢିଲା ବେଳେଶଶିଭୂଷଣରାୟ ଚୌଧୁରୀସହିତ ପରିଚିତହୋଇଥିଲା । ପୁରୀବଡ ଦାଣ୍ଡରେ ବିଦେଶୀ ଲୁଗାପୋଡାସମୟରେ ଗୋପବନ୍ଧୁଙ୍କସହିତ ପ୍ରଥମ ଥର ଦେଖାହେଲା । ସେଶଶିଦାଙ୍କମାଧମରେଗୋପବନ୍ଧୁଙ୍କର ନିକଟତରହେଲେ । ଗୋପବନ୍ଧୁଙ୍କ ସ୍ୱେଚ୍ଛାସେବକବାହିନୀରେ ଗୋଦାବରୀଶ କାର୍ଯ୍ୟକଲେ । ଗୋଦାବରୀଶଙ୍କ ପିନ୍ଧାଲୁଗା ଥିଲାମାତ୍ରଖଣ୍ଡିଏ । ସେଲୁଗାଟିକୁଛୁଟିଦିନରେଝରକା ଦେଇ ଧୋବାକୁସଫାକରିବାକୁ ଦିଅନ୍ତି ଓ ନିଜେଲୁଗା ପାଇବା ପର୍ଯ୍ୟନ୍ତ କବାଟକିଳିଘରେରୁହନ୍ତି । ପିତାଙ୍କରହଇଜାରେମୃତ୍ୟୁଖବର ପାଇଘରେ ପହଚିଂବା ପର ମୁହୂର୍ତରେତାଙ୍କବୋଉ ମଧ୍ୟ ହଇଜାରେ ଦେହତ୍ୟାଗକଲେ ।ଘରେ ଅନ୍ଧୁଣୀବୁଢୀମା ଓ ଆଠବର୍ଷରଭଉଣୀଙ୍କୁଛାଡି ପୁଣୀଫେରିଗଲେ ପାଠ ପଢିବାକୁ । ରାମକୃଷ୍ଣ ବାବୁଙ୍କ ପାଚଂ ଟଙ୍କାବୃତିରୁ ଟଙ୍କାଟିଏବଳକାକରିଘରକୁ ପଠାଉଥିଲେ । ୧୯୦୬ ମସିହାରେ ପ୍ରବେଶିକା ପରିକ୍ଷାରେ ଦ୍ୱିତୀୟଶ୍ରେଣୀରେ ପାଶକରି ଦଶଟଙ୍କାବୃତି ପାଇଲେ ।ଏହିବୃତି ପଇସାରେକଲେଜରେ



ନାମଲେଖାଇଚନ୍ଦ୍ରମୋହନ ବାବୁଙ୍କ ବସାରେରହିଲେ ଓ ଖାଇଲେ ।ତା ବଦଳରେତାଙ୍କ ଦୁଇ ପୁଅଙ୍କୁ ପାଠ ପଢାଇଲେ । ୧୯୦୭ ମସିହାରେ ଆଳି ଅଚଂଳରେ ବନ୍ୟାବିପନ୍ନ ମାନଙ୍କୁ ସାହାଯ୍ୟ କାର୍ଯ୍ୟକରି ଫେରିବାବେଳକୁସେଜ୍ୱରରେ ଆକ୍ରାନ୍ତ ହେଲେ ।ଜ୍ୱର ଭଲ ହେବାରକିଛି ଦିନ ଅନ୍ତରରେତାଙ୍କରସାନ ଭଉଣୀ ଉପଯୁକ୍ତ ପଥ୍ୟ ଓ ଔଷଧ ନ ପାଇ ଅତିକଷ୍ଟରେ ମୃତ୍ୟୁବରଣ କରିଥିଲା ।ବାଣପୁର ଅଚଂଳରେକଲେଜ ପଢୁଆ ଯୁବକଭାବରେ'ଭଗବତୀ ପ୍ରସାଦିନୀ'ସମିତିଟିଏ ଗଠନ କରିସରକାରୀ ଅଫିସରମାନଙ୍କ ବଦ ଅଚରଣସମ୍ପର୍କରେ ଆଲୋଚନାକରିବାରୁତାଙ୍କ ମିଛକାଠଚୋରି ଅଭିଯୋଗରେ ଫସାଇ ଦିଆଗଲା । ଗୋଦାବରୀଶଉପରସ୍ଥ ଅଫିସରମାନଙ୍କୁ ଜଣାଇବାରୁ ତଦନ୍ତ ହେଲା । ତଦନ୍ତ ପରେବାଣପୁରର ସବୁସରକାରୀ ଅଫିସରମାନଙ୍କୁ ବଦଳିକରାଗଲା । ସେ ପାଉଥିବା ଦଶ ଟଙ୍କାବୃତିର ପାଚଂଟଙ୍କାତାଙ୍କସ୍ତ୍ରୀ ଓ ମାଙ୍କ ପାଇଁ ପଠାଉଥିଲେ ।ଏଫ୍‌.ଏ ପାସ୍‌କରିଗୋଦାବରୀଶ ଦର୍ଶନଶାସ୍ତ୍ରୀରେ ଅନର୍ସନେଇ ପାଠପଢିଲେ ।କିନ୍ତୁତାଙ୍କୁ ୧୦ ଟଙ୍କାବୃତିଖର୍ଚ୍ଚ ପାଇଁ ନଖଟ୍ଟ ହେଲା । ଘର ଖର୍ଚ୍ଚ ପାଇଁ ଆଉଟଙ୍କା ପଠାଇ ପାରିଲେ ନାହିଁ । କଟକରେତରୁଣଉତ୍କଳସଂଘ ଗଠନ କରାଗଲା । ଗୋଦାବରୀଶ ତାହାରସମ୍ପାଦକ ଭାବରେକାର୍ଯ୍ୟକଲେ ।ଏହି ଅନୁଷ୍ଠାନ ତରଫର ଗୋଦାବରୀଶସେକସ୍‌ପିୟରଙ୍କର ଏକ ଇଂରେଜୀ ନାଟକରେ ଅଭିନୟକରୁଥିଲେ ।ତାଙ୍କ ଅଭିନୟରେଖୁସି ହୋଇଇଂରେଜୀ ଅଧାପକ ଗୋଦାବରୀଶଙ୍କୁଗୃହଶିକ୍ଷକଭାବରେ ନିଯୁକ୍ତି ଦେଇଥିଲେ । ବି.ଏ ପାସ ପରେଗୋଦାବରୀଶଓକିଲାତି ପଢିବା ଲାଗିମାସିକ ୩୦ଟଙ୍କିଆବୃତି ପାଇକଲିକତାରେଓକିଲାତି ପଢିବାସଙ୍ଗେସଙ୍ଗେ ଏମ୍‌.ଏ ପାଠ ପଢିଲେ ।ଗୋଦାବରୀଶଯେଉଁ ଦିନ କଲିକତା ପଢିବାକୁ ବାହାରିଥିଲେ, ସେ ଦିନ ରେଲଷ୍ଟେସନରେ ପ୍ରାୟ ପାଚଂହଜାର ଲୋକତାଙ୍କୁବିଦାୟ ସମ୍ବର୍ଦ୍ଧନା ଦେଇଥିଲେ । କଲିକତାରେଶଶିଦା ଓ ନିଳକଣ୍ଠ ଥିବାରୁ ଗୋଦାବରୀଶଙ୍କର ସେଠାରେ ଚଳିବାରେକିଛି ଅସୁବିଧା ହେଉନଥିଲା । ଏମ୍‌.ଏରେ ତୃତୀୟଶ୍ରେଣୀହୋଇଥିବାରୁସେବହୁତ ମନ ଦୁଃଖ କରିଥିଲେ । କଲିକତାରମୂକ ବଧିର ବିଦ୍ୟାଳୟରେ ସହକାରୀ ପ୍ରଧାନ ଶୀକ୍ଷକ ସହିତବିଦେଶରେ ଶିକ୍ଷାସୁଯୋଗ ଦଲିଲରେ ଦସ୍ତଖତ କରିବା ପୂର୍ବରୁସେଗୋପବନ୍ଧୁଙ୍କ ଅନୁମତିଲୋଡିଥିଲେ । ଦୀର୍ଘ ୩୦୦ ମାଇଲ ଦୂରରୁ ଦୋପବନ୍ଧୁ ଲେଖିଥିଲେ ଗୋଦାବରୀଶ ତମେକଲିକତାମୂକ ବଧିରବିଦ୍ୟାଳୟରେ ଶିକ୍ଷକହେବାକୁ ଯାଉଛ । ଏଣେଓଡିଶାର ଲକ୍ଷଲକ୍ଷମୂକ ବଧିରଙ୍କ କଥା କଣ ଭୁଲିଗଲ ।ତାଙ୍କର ଦଲିଲରେ ଦସ୍ତଖତ କରିବା ସେତିକରେରହିଗଲା । ଆଇନ ପାଠଶେଷକରି ପଣ୍ଡିତଗୋପବନ୍ଧୁଙ୍କର ଆହ୍ୱାନରେ ଗୋଦାବରୀଶସେସମୟର ସାମାଜିକ ଆବଶ୍ୟକତାକୁ ଲକ୍ଷ୍ୟକରିସିଧା ଆସିସତ୍ୟବାଦୀ ବନ ବିଦ୍ୟାଳୟରେ ୧୯୧୩ ମସିହାରେଯୋଗ ଦେଇଥିଲେ । ସେଠାରେସେ ୩୦ ଟଙ୍କାବେତନ ପାଇଲେ । ତିନିବର୍ଷଶିକ୍ଷକତା ପରେସେକଲିକତା ଆସିଶିକ୍ଷକ ଟ୍ରେନଂନେଲେ ।ସେଠାରେ 'ପୁରୁଷୋତମ' ନାଟକରଚନାକରି ପ୍ରକାଶ କରିଥିଲେ । ସେଖଣ୍ଡିଏ ଇଂରେଜୀକବିତାବହିସଂକଳନ କରିଥିଲେ । ମଧୁବାବୁ ଓ ଗୋପବନ୍ଧୁ ଦାସଙ୍କନେତୃତ୍ୱରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ଉଦ୍ୟମଚାଲିଥିଲା । ଏହିକାର୍ଯ୍ୟରେ ଗୋଦାବରୀଶ କାମକରିବା ପଇଁ ୧୯୧୯ ମସିହାରେ ଅଗେଇ ଆସିସିଂହଭୂମିରେ ଥିବା ଲୋକଙ୍କ ମଧ୍ୟରେଓଡିଆ ପ୍ରୀତି ଓ ଜାତୀୟତାବାଦ ଜନ୍ମାଇ ଥିଲେ ।ଓଡିଆଭାଷ ଓ ଶିକ୍ଷାର ପ୍ରସାର ପାଇଁଚକ୍ରଧର ପୁରରେ ଏକ ଓଡିଆହାଇସ୍କୁଲଗୋଦାବରୀଶ ଆରମ୍ଭ କରିଥିଲେ । ସିଂହଭୂମି କାର୍ଯ୍ୟଛାଡି ଗୋଦାବରୀଶ ଜନ୍ମସ୍ଥାନ ବାଣପୁରକୁଚାଲି ଆସିଲେ । ସେଠାରେଶିଳ୍ପରଉନ୍ନତି ପାଇଁଭୁବନାନନ୍ଦ ଦାସ , ମଜୁମଦାର ଓ ଗୋଦାବରିଶ ମିଶି ଏକ 'ଜାତୀୟଶିଳ୍ପ ସଦନ'ନାମରେ ଅନୁଷ୍ଠାନ ଗଠନ କରିଥିଲ । ଗୋଦାବରୀଶ ସହକାରୀ ରେଜିଷ୍ଟ୍ରର ହିରିଦାସରାୟଙ୍କ ସହାୟତାରେ ଦୁଇଟିସମବାୟସମିତି ଓ ଗୋଟିଏ ସମବାୟବ୍ୟାଙ୍କ ବାଣପୁରଠାରେ ଆରମ୍ଭ କରିଥିଲେ । ଗୋଦାବରିଶ ୧୯୪୧ ମସିହାରୁ ୧୯୪୪ ମସିହା ପର୍ଯ୍ୟନ୍ତ ପାରଳାମହାରାଜଙ୍କ ମନ୍ତ୍ରୀମଣ୍ଡଳରେମନ୍ତ୍ରୀ ଥିଲେ । ପାରଳାମହାରାଜ ଓ ଗୋଦାବରିଶ ଙ୍କ ପ୍ରଚେଷ୍ଟାରେ ଓଡିଶାରେ ଉତ୍କଳ ବିଶ୍ୱବିଦ୍ୟାଳୟ ୧୯୪୩ ମସିହା ନଭେମ୍ବର ୨୭ ତାରିଖରେ ସ୍ଥାପନ ହୋଇଥିଲା । ୧୯୫୨ ମସିହାରେବାଣପୁରର କୃଷ୍ଣପ୍ରସାଦ ନିର୍ବାଚନ ମଣ୍ଡଳୀର ଗୋଦାବରିଶ ନିର୍ବାଚିତ ହୋଇ ଓଡିଶାବିଧାନସଭାର ସଭ୍ୟ ହେଲେ ।ସେ ଥିଲେଜଣେ ସମାଜସଂସ୍କାରକ ଓ ସୁସାହିତ୍ୟିକ ଗୋଦାବରୀଶ ତାଙ୍କ ଜୀବନକାଳରେ ଗୁଡିଏଉପାଦେୟ ପୁସ୍ତକରଚନାକରିଥିଲେ ।ତଙ୍କର 'କାଳିଜାଈ' କବିତା ବେଶଲୋକପ୍ରିୟ । ସେକିଛି ଦିନ ସମାଜର ସମ୍ପାଦକ୍ ଥିଲେ । ବିହାରଓଡିଶାକାଉନସିଲ୍‌ରସଭ୍ୟହୋଇଥିଲେ । ଗୋଦାବରିଶ ବ୍ରୀଟିଶ ସରକାରଙ୍କରବିରୁଦ୍ଧାଚରଣକରି ୭ ଥର ଜେଲ ଦଣ୍ଡ ଭୋଗିଥିଲେ । ସର୍ବମୋଟ ୧୧ ବର୍ଷସେଜେଲ ଦଣ୍ଡରେ ଦଣ୍ଡିତ ହୋଇଥିଲେ । ୧୯୫୬ ମସିହାଜୁଲାଇ ୨୬ ତାରିଖରେ ହଠାତ୍ ଇହଧାମ ତ୍ୟାଗ କରିସେ ଚାଲିଗଲେ ଅମର ପୁରକୁ । ଓଡିଆମାଟି, ଓଡିଆଭାଷା ଓ ଓଡିଆଲୋକଙ୍କୁ ଆଲୁକ ଦେଖାଇ ନିଜେ ଲିଭି ଯାଇଥିଲେ । ଓଡିଆମାଟି ହରାଇଥିଲା ଏକ ମହାନ ପଣ୍ଡିତ, ଶିକ୍ଷାବିତ,କବିଓ ଲେଖକ ।

+++

# ବିଜୟ୍ ଦିବସ

◆ କାଳି ଦାସ




ବିଜୟ ଦିବସ ମହୋତ୍ସବ ର ଆନନ୍ଦ ସହିତ ଜଡିତ ହୋଇଥାଏ ହୃଦୟ ଭିତର ର ଦୁଃଖ । ଦେଶଭକ୍ତ ଙ୍କୁ ହରାଇବାର ଦୁଃଖ । କାନ ଭିତରେ ପ୍ରତିଧ୍ୱନି ବାଜେ "ଏ ଦିଲ ମାଙ୍ଗେ ମୋର" ବିକ୍ରମ ବାତ୍ରା ଙ୍କର କହିଥିବା କଥା ପଦକ ।ବିକ୍ରମ ବାତ୍ରା ମାତ୍ର ଚବିଶ ବର୍ଷ ବୟସ ର ଯୁବକ ଥିଲେ । କହୁଥିଲେ ଯଦି ଏହି ଚୋଟି କୁ ଜିତିବା ତାହେଲେ ଏହି ଚୋଟି ଉପରେ ତିରଙ୍ଗା ଉଡାଇବା । ଯଦି ଯୁଦ୍ଧ କରୁକରୁ ମୃତ୍ୟୁବରଣ କରିବା ତାହେଲେ ତିରଙ୍ଗା ରେ ଓଢାଇ ହୋଇ ଫେରିବା । ଦେଶ ପାଇଁ ନିଜ ଜୀବନ କୁ ବାଜି ଲଗାଇ ଦେବାର ସେଇ ଉତ୍ସାହ ଆଜି ମଧ୍ୟ ଆଖିରେ ଲୁହ ଭରି ଦେଉଛି ।ମନେ ହେଉଛି ସତେ ଯେମିତି ମାତୃଭୂମି ଖୋଜୁଛି ତାର ଅମର ସନ୍ତାନ ଙ୍କୁ ଯେଉଁ ମାନେ ମାତୃଭୂମି ର ସମ୍ମାନ ପାଇଁ ନିଜର ଆହୁତି ଦେଇଥିଲେ । ମରଣ ଶୀଳ ଦୁନିଆରେ ସେଇ ବୀର ପୁତ୍ର ମାନେ ଅମରତ୍ୱ ପାଇ ପାରିଛନ୍ତି ଯେଉଁ ମାନଙ୍କ ସ୍ମୃତି ରେ ଅମର ଯବାନ ଜ୍ୟୋତି ଆହରହ ଜଳୁଛି । ଆଗାମୀ ପିଢ଼ି କୁ ସନ୍ଦେଶ ଦେଉଛି ' ଦେଶଭକ୍ତି କଣ' । ଆମ ଦେଶ ରେ ଆମେ ପ୍ରତିବର୍ଷ ୨୬ ଜୁଲାଇ କୁ ବିଜୟ ଦିବସ ରୂପେ ପାଳନ କରିଥାଉ । କାର୍ଗିଲ ରେ ପାକିସ୍ଥାନ ସହିତ ହୋଇଥିବା ଯୁଦ୍ଧ ରେ ଆମେ ସମ୍ପୂର୍ଣ ରୂପରେ ବିଜୟ ଲାଭ କରିଥିଲୁ । ଭାରତ ର ବୀର ସୈନିକ ମାନେ ଲଢେଇ କରି ପାକିସ୍ଥାନ ଦ୍ୱାରା ଅଧିକୃତ ହୋଇଥିବା ଜାଗା କୁ ଫେରାଇ ଆଣି ପାରିଥିଲେ । ଲଦାକ ରେ ଥିବା କାର୍ଗିଲ ଡିଷ୍ଟ୍ରିକ୍ଟ ରେ ମୁଖ୍ୟତଃ ଏହି ଯୁଦ୍ଧ ହୋଇଥିଲା । ଲଦାକ ରେ ହୋଇଥିବା ଏହି ଯୁଦ୍ଧ ସବୁଠାରୁ ଉଚ୍ଚ ସ୍ଥାନ ରେ ଏବଂ ପ୍ରବଳ ଥଣ୍ଡା ଜାଗା ରେ ହୋଇଥିବା ଯୁଦ୍ଧ । ଏହି ଯୁଦ୍ଧ କୁ ପୂର୍ବରୁ କେହି ଆଙ୍କଳନ କରିନଥିଲେ । କାରଣ ଭାରତ ଓ ପାକିସ୍ଥାନ ର ସମ୍ପର୍କ ରେ ସେମିତି କୌଣସି ତିକ୍ତତା ହୋଇନଥିଲା । ଭାରତ ଓ ପାକିସ୍ଥାନ ଦୁଇଟି ଯାକ ନ୍ୟୂକ୍ଲିୟେର ଷ୍ଟେଟ ଭାବରେ ବିଶ୍ୱ ରେ ପରିଚିତ ହୋଇଥିଲେ । ସେଥିପାଇଁ ସମଗ୍ର ବିଶ୍ୱ ଏହି ଦୁଇ ଦେଶ ର ଯୁଦ୍ଧ କୁ ସତର୍କ ଭାବରେ ଅନୁଧ୍ୟାନ କରୁଥିଲା । ୧୯୯୯ ମେ ତିନି ତାରିଖ ରେ କିଛି ସ୍ଥାନୀୟ ମେଣ୍ଢା ଚରାଳି ପ୍ରଥମ ଥର ପାଇଁ ଖବର ଦେଇଥିଲେ ଯେ ପାକିସ୍ଥାନ ର ସେନା ବାହିନୀ ର କିଛି ସୈନ୍ୟ ଭାରତ ର ସୀମା ଭିତରେ ପ୍ରବେଶ କରିଲେଣି । ଏବଂ ଏହି ଖବର ପାଇବା ପରେ ମେ ପାଂଚ ତାରିଖ ରେ ଭାରତ ର ପାଂଚ ଜଣିଆ ସେନା ଦଳ କୁ ନେଇ ଗଢା ଯାଇଥିବା ପେଟ୍ରୋଲିଂ ଟିମ ଘଟଣା ର ସତ୍ୟାସତ୍ୟ ଜାଣିବା ପାଇଁ ଯାଇ ଥିଲେ । ପାକିସ୍ଥାନୀ ସେନା ସେହି ପାଂଚ ଜଣ ସାମରିକ ବାହିନୀ ର ସଦସ୍ୟ ଙ୍କୁ ହତ୍ୟା କରିଥିଲେ , ଏବଂ ବର୍ବରତା ପୂର୍ଣ୍ଣ ଅତ୍ୟାଚାର ମଧ୍ୟ ସେମାନଙ୍କ ସହିତ ହୋଇଥିଲା । ଏହା ପରେ ପାକିସ୍ଥାନ ତରଫ ରୁ ଶେଲିଂକରାଯାଇ ଭାରତ ର ଅସ୍ତ୍ରଶସ୍ତ୍ର କୁ ନଷ୍ଟ କରା ଯାଇଥିଲା । ପାକିସ୍ଥାନ ର ସେନା ବାହିନୀ "ଲାଇନ ଅଫ କଂଟ୍ରୋଲ" ବା ଏଲଓସି ର ଭିନ୍ନ ଭିନ୍ନ ସ୍ଥାନ ଯେପରି ଡ୍ରାସ ସେକ୍ଟର ଓ ମୁସକୋହ ସ୍ଥାନ ରେ ଭାରତ ର ସୀମା ଭିତରେ ପ୍ରବେଶ କରିଥିଲେ । ଏହାପରେ ଭାରତର ସୀମା ଭିତରେ ପ୍ରବେଶ କରିଥିବା ପାକିସ୍ଥାନ ସେନା ଙ୍କୁ ଭାରତୀୟ ଏୟାର ଫୋର୍ସ ଆକ୍ରମଣ କରିଥିଲା । ମିଗ ୨୭ ର ପାଇଲେଟ ନଚିକେତା ଙ୍କୁ ପାକିସ୍ଥାନ ସେନା ଧରିନେଇ ଥିଲେ ଏବଂ ନଚିକେତାଙ୍କ ବିମାନ ମିଗ ୨୭ କୁ ମିଶାଇଲ ଦ୍ୱାରା ଆକ୍ରମଣ କରି ନଷ୍ଟ କରିଥିଲେ । ପାକିସ୍ଥାନ ସେନା ବାହିନୀ କାଶ୍ମୀର ଓ ଲଦାକ କୁ ଲାଗିଥିବା ନେସନାଲ ହାଇୱେ ରେ ମଧ୍ୟ ଗୁଳିବର୍ଷା କରିଥିଲେ । ଭାରତ ର ଦେଶଭକ୍ତ ସୈନିକ ମାନେ ପାକିସ୍ଥାନ ର ଏହି ଷଡଯନ୍ତ୍ର କୁ ନିଜର ଲହୁ ଦେଇ ମାଟି ରେ ମିଶାଇ ଦେଇଥିଲେ । ଯେତେବେଳେ ଏହି ଘଟଣା ଘଟୁଥିଲା ସେତେବେଳେ ପାକିସ୍ଥାନ ଏହି ଯୁଦ୍ଧ ରେ ନିଜର ସେନା ବାହିନୀ ର କୌଣସି ଭୂମିକା ନାହିଁ ବୋଲି କହୁଥିଲା । ଏହି ଯୁଦ୍ଧ ରେ ପାକିସ୍ଥାନ ସମ୍ପୃକ୍ତ ନୁହେ ବୋଲି ବିଶ୍ୱ ଦରବାର ରେ ପାକିସ୍ଥାନ ସ୍ପଷ୍ଟ କରୁଥିଲା । ପାକିସ୍ଥାନ କହିବା ମୁତାବକ ଭାରତୀୟ ସେନା ସହିତ ଯୁଦ୍ଧ କରୁଥିବା ଗୋଷ୍ଠୀ ହେଉଛନ୍ତି କାଶ୍ମୀର ରେ ରହିଥିବା ଏବଂ ଭାରତ ରୁ କାଶ୍ମୀର କୁ ଅଲଗା କରିବାକୁ ଚାହୁଁଥିବା ଲୋକମାନେ । କିନ୍ତୁ ପରବର୍ତି ସମୟ ରେ ମୃତ ସୈନ୍ୟ ଙ୍କ ପାଖ ରୁ ମିଳିଥିବା ଆଇଡି କାର୍ଡ ଓ ପରିଚୟ ପତ୍ର ରୁ ଏହା ଜଣା ପଡିଥିଲା ଯେ ଭାରତ ସହିତ ଯୁଦ୍ଧ କରୁଥିବା ସେନା ହେଉଛନ୍ତି ପାକିସ୍ଥାନ ର । ପାକିସ୍ଥାନ ର ତତ୍କାଳୀନ ପ୍ରଧାନମନ୍ତ୍ରୀ ନୱାବ ସରିଫ ରାଜି ହୋଇଥିଲେ ଯେ କାର୍ଗିଲ ର ଯୁଦ୍ଧ ରେ ପାକିସ୍ଥାନ ର ସେନା ବାହିନୀ ସମ୍ପୃକ୍ତ ଥିଲେ । ଏହା ପରେ ସେହି ସମୟ ର ସେନା ବାହିନୀ ର ଜେନେରାଲ ପରବେଜ ମୁସରଫ ମଧ୍ୟ ସ୍ୱୀକାର କରିଛନ୍ତି ଯେ ଏହି ଯୁଦ୍ଧ ରେ ପାକିସ୍ଥାନ ର ହାତ ଥିଲା । ଜେନେରାଲ ମୁସରାଫ ଓ ଆଇଏସଆଇ ର ଚିଫଙ୍କର ଫୋନ ଦ୍ୱାରା ହୋଇଥିବା ବର୍ତାଳାପ କୁ ମଧ୍ୟ ଭାରତ ବିଶ୍ୱ ଆଗରେ ଦେଖାଇଥିଲା । ୩୦,୦୦୦ ରୁ ଉର୍ଦ୍ଧ ଭାରତୀୟ ସେନା ଏହି ଅପରେସନ ବିଜୟ ରେ ସାମିଲ ହୋଇଥିଲେ । ସମଗ୍ର ଭାରତ ଏକ ସ୍ୱର ରେ ଏକ ପ୍ରାଣ ରେ ଭାରତ ର ବିଜୟ ପାଇଁ ପ୍ରାର୍ଥନା କରିଥିଲା । ଭାରତ ର ଦେଶ ଭକ୍ତ ୫୨୭ ଜଣ ବୀରଙ୍କୁ ଆମେ ହରାଇ ଥିଲୁ ।କାର୍ଗିଲ ଯୁଦ୍ଧ ରେ ନିଜର ଶ୍ରେଷ୍ଠ ଯୁଦ୍ଧ କୌଶଳ କୁ ଦେଖାଇ ଏବଂ ନିଜର ବଳିଦାନ ଦେଇ ଯେଉଁ ମାନେ ଦେଶମାଟି କୁ ଏବଂ ଦେଶ ର ନାଗରିକଙ୍କୁ ସୁରକ୍ଷା ଦେଇଥିଲେ ସେହିପରି ଚାରି ଜଣଙ୍କୁ ପରମବୀର ଚକ୍ର ସମ୍ମାନ ରେ ସମ୍ମାନିତ କରାଯାଇଥିଲା । ସେମାନେ ହେଲେ ଯଥାକ୍ରମେ ଗ୍ରେଣାଡିଏର ଯୋଗେନ୍ଦର ସିଂ ଜାଦବ,ଲେଫ୍ଟିନେଂଟ ମନୋଜ କୁମାର ପାଣ୍ଡେ , କ୍ୟାପଟେନ ବିକ୍ରମ ବାତ୍ରା, ରାଇଫେଲ ମ୍ୟାନ ସଞ୍ଜୟ କୁମାର । ସେହିପରି ଦଶ ଜଣଙ୍କୁ ମହାବୀର ଚକ୍ର ରେ ସମ୍ମାନୀତ କରା ଯାଇଥିଲା । ସେମାନେ ଯଥାକ୍ରମେ ହେଲେ ଲେଫ୍ଟିନେଂଟ ବଲୱାନ ସିଂ, ମେଜର ରାଜେସ ସିଂ , ମେଜର ବିବେକ ଗୁପ୍ତା , କ୍ୟାପଟେନ ଏନ କେଙ୍ଗାରୁଜ, ଲେଫ୍ଟିନେଂଟ କ୍ଲିଫୋର୍ଡ ଜନଗ୍ରୂମ ଏବଂ ନାଇକ ଜିଗେନ୍ଦ୍ର କୁମାର । ଏହି ଯୁଦ୍ଧ ପାଇଁ ପାକିସ୍ଥାନ ର ପୂର୍ବ ରୁ ପ୍ରସ୍ତୁତି ରହିଥିଲା । ପାକିସ୍ଥାନ ର ସେନା ବାହିନୀ ପାହାଡ ଉପରେ ବସି ଗୁଳିବର୍ଷା କରୁଥିବା ବେଳେ ଭାରତୀୟ ସେନା ଗୁଳିମାଡ ରେ କ୍ଷତାକ୍ତ ହୋଇ ଗୋଟିଏ ପରେ ଗୋଟିଏ ଚୋଟି ଶତ୍ରୁମୁକ୍ତ କରି ତିରଙ୍ଗା ଉଡାଇ ଚାଲିଲେ । ଯୁଦ୍ଧ କୌଣସି ସମସ୍ୟା ର ସମାଧାନ ନୁହେଁ, ଶାନ୍ତି ସଦଭାବନା ପରି ମାନବୀୟ ଗୁଣ ର ଆବଶ୍ୟକତା ଆଜି ର ଦୁନିଆ ରେ ରହିଛି ।

*ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର - ୭୨୦୫୧୦୦୮୩୯*

# ଓଡ଼ିଶା ହାଇକୋର୍ଟ

◆ ସୌର ଚନ୍ଦ୍ର ମହାପାତ୍ର



ଆଜିକୁ ୭୭ ବର୍ଷ ପୂର୍ବେ ଅର୍ଥାତ୍ ୧୯୪୮ ମସିହା ଜୁଲାଇ ୨୬ ତାରିଖରେ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ହୋଇଥିଲା । ଭାରତର ତତ୍କାଳୀନ ପ୍ରଧାନ ବିଚାରପତି ସାର ହରିଲାଲ ଜେ କାନିଆଙ୍କ ଦ୍ୱାରା କଟକ ସହରରେ ହିଁ ହାଇକୋର୍ଟ ଉଦ୍‌ଘାଟିତ ହୋଇ ଥିଲା । ହାଇକୋର୍ଟ ଗଠନ ପଛରେ ରହିଛି ଏକ ଲମ୍ୱା ଇତିହାସ । ୧୯୧୨, ମାର୍ଚ୍ଚ ୨୨ ବିହାର ଓ ଓଡ଼ିଶାକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ହୋଇ ଥାଏ । ଏହି ପ୍ରଦେଶର ସମ୍ପୂର୍ଣ୍ଣ ବିଚାର ବ୍ୟବସ୍ଥା ଥିଲା କଲିକତା ହାଇକୋର୍ଟଙ୍କ ଅଧୀନରେ । ୧୯୧୬, ଫେବୃଆରୀ ୯ରେ ପାଟନା ହାଇକୋର୍ଟ ପ୍ରତିଷ୍ଠା ହେଲା । ଭାରତ ଶାସନ ଆଇନ ଅନୁସାରେ ବ୍ରିଟିଶ ରାଣୀଙ୍କ ଦ୍ୱାରା ଏକ ସବତନ୍ତ୍ର ନିର୍ଦ୍ଦେଶନାମା ବଳରେ ଏହି କୋର୍ଟ ଆରମ୍ଭ ହୋଇ ଥିବା କୁହାଯାଏ । ୧୯୧୬, ମେ ୧୯ରେ କଟକରେ ପାଟନା ହାଇକୋର୍ଟର ପ୍ରଥମ ସର୍କିଟ ବେଂଚ ବସିଥିଲା । ଏହି ସର୍କିଟ ବେଂଚରେ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚେମିୟର ଓ ଜଷ୍ଟିସ ସରଫଉଦ୍ଦିନ ବସି ବିଭିନ୍ନ ମାମଲାର ବିଚାର କରିଥିଲେ । ମଧୁ ବାରିଷ୍ଟର ଓରଫ ଉତ୍କଳ ଗୌରବ ମଧୁସୂଦନ ଦାସ ସେତେବେଳେ ଥାଆନ୍ତି ବାର ଆସୋସିଏସନର ସଭାପତି । ଏହି ବେଂଚଟି ଦିନେ ସ୍ଥାୟୀ ହାଇକୋର୍ଟରେ ରୂପାନ୍ତରିତ ହେବ ବୋଲି ମଧୁବାବୁ ଭବିଷ୍ୟବାଣୀ ଶୁଣାଇଥିଲେ । ୧୯୪୮ ମସିହା ଜୁଲାଇ ୨୬ ତାରିଖ ପୂର୍ବାହ୍ନରେ ହାଇକୋର୍ଟକୁ ଉଦ୍‌ଘାଟନ କରିଥିଲେ ଫେଡେରାଲ କୋର୍ଟ (ବର୍ତମାନର ସୁପ୍ରିମକୋର୍ଟ)ର ମୁଖ୍ୟ ବିଚାରପତି ସାର ହୀରାଲାଲ ଜେ.କାନିଆଁ । ମୁଖ୍ୟ ବିଚାରପତିଙ୍କ ସହିତ ତିନିଜଣ ସହଯୋଗୀ ବିଚାରପତି, ଜଷ୍ଟିସ ବୀରକିଶୋର ରାୟ ପ୍ରଥମ ମୁଖ୍ୟ ବିଚାରପତି ଆସନ ଅଳଙ୍କୃତ କରିଥିବାବେଳେ ଜଷ୍ଟିସ ବାବୁ ଜଗନ୍ନାଥ ଦାସ, ଜଷ୍ଟିସ ଲିଙ୍ଗରାଜ ପାଣିଗ୍ରାହୀ ଓ ଜଷ୍ଟିସ ଆର.ଏଲ.ନରସିଂହମ୍‌ଙ୍କୁ ଉଦଘାଟନୀ ଉତ୍ସବରେ ତତ୍କାଳୀନ ରାଜ୍ୟପାଳ ଆସଫ ଅଲ୍ଲୀ ଶପଥ ଗ୍ରହଣ କରାଇଥିଲେ । ୧୯୪୬ ମସିହାରେ ସେ ସମୟରେ ପ୍ରଧାନମନ୍ତ୍ରୀ ରୂପେ ଅଧିଷ୍ଠିତ ଡ.ହରେକୃଷ୍ଣ ମହତାବଙ୍କ ମନ୍ତ୍ରୀମଣ୍ଡଳ ଗଠନର ଦୁଇ ବର୍ଷ ପରେ ପାଟନା ହାଇକୋର୍ଟରୁ ପୃଥକ ହୋଇ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ହୋଇଥିଲା । ୧୯୧୩ ମସିହାରେ ଇଂରେଜ ସରକାର ଓଡ଼ିଶାର କଟକଠାରେ ଓଡ଼ିଶା ଜର୍ଜକୋର୍ଟ ସ୍ଥାପନ କରିଥିଲେ । ୧୯୩୬ ମସିହା ଅପ୍ରେଲ ପହିଲାରେ ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲେ ସୁଦ୍ଧା ଓଡ଼ିଶାରେ ହାଇକୋର୍ଟ ପ୍ରତିଷ୍ଠା ହେବାକୁ ବାରବର୍ଷ ଲାଗିଗଲା । ଏହାର କାରଣ ଥିଲା ମାନ୍ଦ୍ରାଜ (ମାଡ୍ରାସ) ପ୍ରେସିଡେନ୍ସିର ରାଇଟର୍ସ ବିଲଡିଂ ନିର୍ଦ୍ଦେଶରେ ଶାସିତ ହେଉଥିବା ଦକ୍ଷିଣ ଓଡ଼ିଶା ଅଂଚଳ ଓଡ଼ିଶାରେ ସାମିଲ ହୋଇଥିଲା । ୧୯୩୬ ଏପ୍ରିଲ ୧ ତାରିଖରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଲାଭ କଲା । ଓଡ଼ିଶାରେ ସ୍ୱତନ୍ତ୍ର ହାଇକୋର୍ଟ ପ୍ରତିଷ୍ଠା ହେଉ, ଏଇ ଦାବି କୁହୁଳିଲା ଏଇ ଦିନଠାରୁ । ୧୯୪୨ ମସିହା, ଅଗଷ୍ଟ ୧୫ ତାରିଖରେ ହାଇକୋର୍ଟ ପ୍ରତିଷ୍ଠାର ଆବଶ୍ୟକତା ଅନୁଧ୍ୟାନ କରିବାକୁ ବୀର କିଶୋର ରାୟଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଢ଼ାଗଲା । ଏହି କମିଟି ତତ୍କାଳୀନ ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ମନ୍ତ୍ରୀମଣ୍ଡଳରେ ଗୃହୀତ ଏକ ପ୍ରସ୍ତାବ ଅନୁଯାୟୀ ତିଆରି ହୋଇଥିଲା । ବୀର କିଶୋର ରାୟଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ତାଙ୍କ ପ୍ରଦତ ରିପୋର୍ଟରେ ସ୍ୱତନ୍ତ୍ର ହାଇକୋର୍ଟ ପ୍ରତିଷ୍ଠା ପାଇଁ ଅନୁମୋଦନ କରିଥିଲେ । ୧୯୪୮ ଏପ୍ରିଲରେ ଓଡ଼ିଶା ହାଇକୋର୍ଟ ଅର୍ଡ଼ର, ୧୯୪୮ ଜୁଲାଇ ୫ରେ ହାଇକୋର୍ଟ ହେବ ବୋଲି ବିଧିବଦ୍ଧ ଘୋଷଣାନାମା ଜାରି ହୋଇଥିଲା । ସେହି ମାସ ୧୯୪୮ ମସିହା ଜୁଲାଇ ୨୬ ତାରିଖ ଆନୁଷ୍ଠାନିକ ଭାବେ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ହେଲା । ଇଂରେଜ ରାଜତ୍ୱ ସମୟରୁ (ସ୍ୱାଧୀନତା ପରେ ମଧ୍ୟ) ଯେଉଁମାନେ ମାଟ୍ରିକ୍ୟୁଲେସନ ପରେ ଆଇନରେ ଡିପ୍ଲୋମା ପାସ କରୁଥିଲେ ସେମାନଙ୍କୁ ମୁକ୍ତିଆର କୁହାଯାଉଥିଲା । ସେମାନେ କେବଳ ତଳ କୋର୍ଟରେ କାର୍ଯ୍ୟ କରୁଥିଲେ । ଯେଉଁମାନେ ବିଏ ପାସ ପରେ ବିଏଲ ପାସ କରୁଥିଲେ ସେମାନେ ଉଚ୍ଚ ନ୍ୟାୟାଳୟରେ ଆଇନ ବ୍ୟବସାୟ କରିବା ସହିତ ଅନ୍ୟାନ୍ୟ ହାଇକୋର୍ଟରେ ଆଇନ ବ୍ୟବସାୟ କରୁଥିଲେ । (ପୂର୍ବରୁ ମେଡ଼ିକାଲରେ ଯେପରି ବ୍ୟବସ୍ଥା ଥିଲା) । ୧୯୬୨ ପରଠାରୁ ମୁକ୍ତିଆର ବ୍ୟବସ୍ଥା ଉଠାଇ ଦିଆଗଲା । ସମସ୍ତେ ଆଡ଼ଭୋକେଟ ରୂପେ ତଳକୋର୍ଟ ସମେତ ଉଚ୍ଚ ନ୍ୟାୟାଳୟରେ ଆଇନ ବ୍ୟବସାୟ କରିବା ବ୍ୟବସ୍ଥା ହେଲା । ୧୯୬୧ ମସିହା ପରଠାରୁ ଷ୍ଟେଟ ବାର କାଉନସିଲ ସାରା ରାଜ୍ୟରେ ୫୮,୩୨୯ ଜଣଙ୍କୁ ଆଇନ ବ୍ୟବସାୟ କରିବା ପାଇଁ ଲାଇସେନ୍ସ ପ୍ରଦାନ କରିଛନ୍ତି । ଏହି ୬୨ ବର୍ଷ ମଧ୍ୟରେ ୧୯୯୯ ମସିହାରେ ୩୭୬୮ ଜଣଙ୍କୁ ଲାଇସେନ୍ସ ଦେଇଥିବାବେଳେ ୧୯୬୧ ମସିହାରେ ମାତ୍ର ୨୬ ଜଣଙ୍କୁ ଲାଇସେନ୍ସ ପ୍ରଦାନ କରିଥିଲେ । ୧୯୬୭ ମସିହା ପୂର୍ବରୁ ଆଇନ ବ୍ୟବସାୟ କରିବା ନିମନ୍ତେ ଭିନ୍ନ ପ୍ରକାର ବ୍ୟବସ୍ଥା ଥିଲା । ଆଡଭୋକେଟ ହେବାକୁ ହେଲେ ଜଣେ ସିନିୟର ଆଡ଼ଭୋକେଟ ପାଖରେ ୧ବର୍ଷ ୧୦ ମାସ ଆର୍ଟିକିଲ କ୍ଲର୍କ ଭାବେ କାର୍ଯ୍ୟ କରି ଲିଖିତ ଓ ମୌଖିକ ପରୀକ୍ଷାରେ ପାସ କରିବା ପରେ ଲାଇସେନ୍ସ ଦିଆଯାଉଥିଲା । ପୁନରାୟ ୨୦ ବର୍ଷ ପରେ ବାର କାଉନସିଲ ନିଷ୍ପତି ଅନୁଯାୟୀ ଏକ ବର୍ଷ ପରେ ଲାଇସେନ୍ସ ବ୍ୟବସ୍ଥା ଚାଲି ଆସୁଥିବାବେଳେ ୧୯୯୯ରେ ତାହା ଉଠାଇ ଦିଆଯାଇଥିଲା । ଯେଉଁମାନେ ଲ ପାସ କଲେ ସେମାନେ କୋର୍ଟରେ ପ୍ରାକ୍ଟିସ କରିପାରିବେ । ହାଇକୋର୍ଟ ଶୁଭାରମ୍ଭ ସମୟରେ କର୍ମଚାରୀ ଥିଲେ ୧୨୩ ଜଣ । ହାଇକୋର୍ଟକୁ ୫୦ ବର୍ଷ ଅତିକ୍ରାନ୍ତ କରିଥିବାବେଳେ ହାଇକୋର୍ଟରେ ଥିଲେ ୬୧୦ଜଣ କର୍ମଚାରୀ । ସେମାନଙ୍କ ମଧ୍ୟରୁ ମାତ୍ର ୪୦ଜଣ ମହିଳା କର୍ମଚାରୀ । ବିଭିନ୍ନ ପ୍ରକାର ମାଲିମକଦ୍ଦମା ପଞ୍ଜୀକରଣ ଦୃଷ୍ଟିରୁ କର୍ମଚାରୀଙ୍କ ସଂଖ୍ୟା ଆବଶ୍ୟକ ହେବାରୁ ବର୍ତମାନ ଓଡ଼ିଶା ହାଇକୋର୍ଟରେ ଅଛନ୍ତି ୧୩୬୯ କର୍ମଚାରୀ । ସେମାନଙ୍କ ମଧ୍ୟରୁ ୧୨୮ ମହିଳା କର୍ମଚାରୀ । ଭବଷ୍ୟତକୁ ଆଖି ଆଗରେ ରଖି ବିଚାରପତି ଅଧିକ ଆବଶ୍ୟକତା ଦୃଷ୍ଟିରୁ କୋର୍ଟ ରୁମ ବ୍ୟବସ୍ଥା ନିମନ୍ତେ ୨୦୦୮ ରେ ନୂତନ ସୌଧ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା । ୨୦୧୪ ଜାନୁଆରୀ ୨ ତାରିଖ ଠାରୁ ନୂତନ ସୌଧରେ କୋର୍ଟ କାର୍ଯ୍ୟ ସମ୍ପାଦନ କରାଯାଉଛି । ଓଡ଼ିଶା ହାଇକୋର୍ଟରେ ୨୦୨୨ ଜୁଲାଇ ସୁଦ୍ଧା ୧୮୮୬୯ଟି ମକଦ୍ଦମା ବିଚାର ଅପେକ୍ଷାରେ । ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ଉତ୍ସବରେ ଓଡ଼ିଶାର ତତ୍କାଳୀନ ରାଜ୍ୟପାଳ ଆସିଫ ଅଲ୍ଲୀ ଅଧ୍ୟକ୍ଷତା କରି ଥିଲେ । ପଶ୍ଚିମବଙ୍ଗର ତତ୍କାଳୀନ ରାଜ୍ୟପାଳ ଡକ୍ଟର କୈଳାସ ଚନ୍ଦ୍ର କାଟଜୁ, ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ସାର ସୀଲତାନ ଅହମ୍ମଦ, ବଙ୍ଗଳାର ଆଡ଼ଭୋକେଟ ଜେନେରାଲ ସାର ଏସ.ଏସ. ବୋଷ ପ୍ରମୁଖ ଯୋଗ ଦେଇ ଥିଲେ । ଜଷ୍ଟିସ ବୀର କିଶୋର ରାୟ ଓଡ଼ିଶା ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ । ଓଡ଼ିଶା ହାଇକୋର୍ଟର ଅନ୍ୟସବୁ ସ୍ଥାୟୀ ବିଚାରପତି ମାନଙ୍କ ମଧ୍ୟରେ ଥିଲେ ଜଷ୍ଟିସ ବି.ଜଗନ୍ନାଥ ଦାସ, ଜଷ୍ଟିସ ଲିଙ୍ଗରାଜ ପ୍ରାଣିଗ୍ରାହୀ, ଜଷ୍ଟିସ ଆର.ଏଲ. ନରସିଂହମ । ଏମାନଙ୍କୁ ନେଇ ଓଡ଼ିଶା ହାଇକୋର୍ଟ ଆରମ୍ଭ ହୋଇଥିଲା । ୧୯୫୮, ଜୁଲାଇ ୨୬ ତାରିଖରେ ହାଇକୋର୍ଟଙ୍କ ପ୍ରଥମ ମୁଖ୍ୟ ବିଚାରପତି ଜଷ୍ଟିସ ବୀର କିଶୋର ରାୟଙ୍କ ପରଲୋକ ହୋଇଥିଲା । ଏହି କାରଣରୁ ଜୁଲାଇ ୨୬ ତାରିଖକୁ ଓଡ଼ିଶା ହାଇକୋର୍ଟଙ୍କ ପ୍ରତିଷ୍ଠା ଦିବସ ଓ ଜଷ୍ଟିସ ବୀରକିଶୋର ରାୟଙ୍କ ଶ୍ରାଦ୍ଧ ଦିବସ ଭାବେ ପାଳନ କରାଯାଉଛି ।

+++

# ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ର ପୋଷ୍ଟ-ଡ୍ରାଫ୍ଟ କାର୍ଯ୍ୟକ୍ରମର ସମୀକ୍ଷା



ବାରିପଦା(ନପ୍ର): ରାଜ୍ୟ ନିର୍ବାଚନ ଆୟୋଗ, ଓଡ଼ିଶାର ଉପ-ମୁଖ୍ୟ ନିର୍ବାଚନ ଅଧିକାରୀ-ତଥା-ଉପ-ସଚିବ ଡ଼. ଲକ୍ଷ୍ମୀପ୍ରସାଦ ସାହୁ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ର ପୋଷ୍ଟ-ଡ୍ରାଫ୍ଟ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିଥିଲେ । ଗସ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଡ଼. ସାହୁ ୩୦-କରଞ୍ଜିଆ, ୨୬-ଯଶୀପୁର ଏବଂ ୨୭-ସାରସକଣା ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଶୁଣାଣି କେନ୍ଦ୍ର ପରିଦର୍ଶନ କରିଥିଲେ ପରବର୍ତ୍ତୀ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଇଶ୍ୱର ଚନ୍ଦ୍ର ନାଏକ, ଅତିରିକ୍ତ ଜିଲ୍ଲାପାଳ ତଥା ବାଙ୍ଗିରିପୋଷି ନିର୍ବାଚନ ପଞ୍ଜୀକରଣ ଅଧିକାରୀ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ତଥା ବଡ଼ସାହି ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଦୁଃଖବନ୍ଧୁ ନାୟକ, ଉପଜିଲ୍ଲାପାଳ କରଞ୍ଜିଆ ତଥା ଯଶିପୁର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଡ଼ ଦୟାସିନ୍ଧୁ ପରିଡ଼ା, ଅତିରିକ୍ତ ଉପ-ଜିଲ୍ଲାପାଳ ବାରିପଦା ତଥା ମୋରଡା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ରାଖାଲ ଚନ୍ଦ୍ର ପରିଡ଼ା ପ୍ରମୁଖ ଉକ୍ତ ବୈଠକରେ ଯୋଗ ଦେଇଥିଲେ । ସେହିପରି ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନେ ଆଭାସୀ ଯୋଗେ ବୈଠକରେ ଅଂଶଗ୍ରହଣ କରିଥିଲେ । ବୈଠକରେ ପୋଷ୍ଟ-ଡ୍ରାଫ୍ଟ ପର୍ଯ୍ୟାୟରେ ନୋଟିସ ପ୍ରସ୍ତୁତି, ନୋଟିସ ବିତରଣ, ଅନମ୍ୟାପ୍ ଭୋଟରମାନଙ୍କ ଶୁଣାଣି, ଚୂଡାନ୍ତ ସ୍ଥାନାନ୍ତର ପ୍ରକ୍ରିୟା ଏବଂ ମାମଲାଗୁଡ଼ିକର ନିଷ୍ପତିର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଦାବି ଓ ଆପତି ଗୁଡ଼ିକର ଶୀଘ୍ର ନିଷ୍ପତି, ସମୟ ସୀମା ମଧ୍ୟରେ ପୋଷ୍ଟ-ଡ୍ରାଫ୍ଟ କାର୍ଯ୍ୟ ସମ୍ପାଦନ ଏବଂ ସଠିକ୍, ସ୍ୱଚ୍ଛ ଓ ସର୍ବସମାବେଶୀ ଭୋଟର ତାଲିକା ପ୍ରସ୍ତୁତି ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା । ସମୀକ୍ଷା ଅବସରରେ ଡ଼. ସାହୁ କୌଣସି ଯୋଗ୍ୟ ଭୋଟର ଯେପରି ଭୋଟର ତାଲିକାରୁ ବାଦ ନପଡ଼ନ୍ତି, ସେଥିପ୍ରତି ବିଶେଷ ଗୁରୁତ୍ୱାରୋପ କରିଥିଲେ । ନୋଟିସ ପ୍ରସ୍ତୁତି ଓ ବିତରଣ ପ୍ରକ୍ରିୟାକୁ ଅଧିକ ଫଳପ୍ରଦ କରିବା, ଅନମ୍ୟାପ୍ଡ ଭୋଟରମାନଙ୍କ ଶୁଣାଣି ଏବଂ ଚୂଡାନ୍ତ ସ୍ଥାନାନ୍ତର ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ ଓ ସୁସମନ୍ୱିତ କରିବା ସହ ନୋଟିସ ଓ ଶୁଣାଣି ପ୍ରକ୍ରିୟାକୁ ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସତର୍କତାର ସହ ସମ୍ପାଦନ କରିବା ପାଇଁ ସେ ପରାମର୍ଶ ପ୍ରଦାନ କରିଥିଲେ ।

# ରଥଯାତ୍ରାରେ ପ୍ରସାଦ ବିତରଣ



ନୀଳଗିରି(ନିପ୍ର): ବାଲେଶ୍ୱର ଜିଲ୍ଲା ଉତ୍କଳ ଯାଦବ ମହାସଭା ଆନୁକୂଲ୍ୟରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ରଥଯାତ୍ରା ରେ ପ୍ରସାଦ ବିତରଣ କାର୍ଯ୍ୟକ୍ରମ କରାଯାଇ ଥିଲା । ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ଭଳି ଚଳିତ ରଥ ଯାତ୍ରାରେ ଆଜି ଦିବସ ବ୍ୟାପି ଶଙ୍କରା ଖୁଂଟା ଶିବ ମନ୍ଦିର ଓ ପଂଚମୁଖୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ପ୍ରସାଦ ବିତରଣ କାର୍ଯ୍ୟକ୍ରମ କରାଯାଇଥିଲା । ବାହୁଡ଼ା ରଥ ଯାତ୍ରା ପାଇଁ ଆସିଥିବା ହଜାର ହଜାର ଜଗନ୍ନାଥ ପ୍ରେମୀ ଓ ଶ୍ରଦ୍ଧାଳୁ ହରିଶୟନ ଏକାଦଶୀ ରେ ପ୍ରସାଦ ସେବନ କରି ଆନନ୍ଦ ଲାଭ କରିଥିଲେ । ଉତ୍କଳ ଯାଦବ ମହାସଭା ବାଲେଶ୍ୱର ଶାଖାର ମୁଖ୍ୟଉପଦେଷ୍ଟା କୈଳାଶ ଚନ୍ଦ୍ର ଯାଦବଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ପ୍ରସାଦ ବିତରଣ କାର୍ଯ୍ୟକ୍ରମ ରେ ସଭାପତି କାର୍ତ୍ତିକ ଚନ୍ଦ୍ର ବେହେରା, ପରାମର୍ଶଦାତା ମନୋଜ କୁମାର ଦାସ, ସୁଶାନ୍ତ କୁମାର ବାରିକ, ଯୁବ କାର୍ଯ୍ୟକାରୀ ସଭାପତି ଶଶୀକାନ୍ତ ବାରିକ, ଯୁବ ସାଙ୍ଗଠନିକ ସମ୍ପାଦକ ସୌମ୍ୟ ରଞ୍ଜନ ଯାଦବ, କୋଷାଧ୍ୟକ୍ଷ ପୂର୍ଣଚନ୍ଦ୍ର ଦାସ, ନୀଳଗିରି ଶାଖା ସଭାପତି ସୁଶାନ୍ତ କୁମାର ବାରିକ, ସାଧାରଣ ସମ୍ପାଦକ ସୁସ୍ୱଭନ ବାରିକ, ଶଙ୍କର୍ଷଣ ବାରିକ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲା କଂଗ୍ରେସ ପକ୍ଷରୁ କଂଗ୍ରେସର ମହମବତୀ ଶୋଭାଯାତ୍ରା




ଧାମନଗର(ନିପ୍ର): ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଶନିବାର ଧାମନଗର ବ୍ଲକ ଅସୁରାଳି ଠାରେ ଜିଲ୍ଲାସ୍ତରୀୟ ଶାନ୍ତିପୂର୍ଣ୍ଣ ମହବତୀ ଶୋଭାଯାତ୍ରା ଓ ସତ୍ୟାଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯନ୍ତର ମନ୍ତରଠାରେ ନିଟ ପ୍ରସଙ୍ଗକୁ ନେଇ ଆନ୍ଦୋଳନ ସମୟରେ ପୁଲିସ କାର୍ଯ୍ୟାନୁଷ୍ଠାନରେ ପ୍ରାଣ ହରାଇଥିବା ଛାତ୍ରଛାତ୍ରୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ଓ କେନ୍ଦ୍ର ସରକାରଙ୍କ କ୍ଷମା ପ୍ରାର୍ଥନା ଦାବି କରାଯାଇଥିଲା । ଅସୁରାଳି କଂଗ୍ରେସ ଅଫିସ ଠାରୁ କର୍ମୀ ମାନେ ହାତରେ କଂଗ୍ରେସ ପତାକା ଓ ମହବତୀ ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ସେମାନେ କେନ୍ଦ୍ର ସରକାର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ଅସୁରାଳି ବଜାର ପରିକ୍ରମା କରିଥିଲେ । ପରେ ୟୁକୋ ଏଟିଏମ୍ ଛକ ନିକଟରେ ପ୍ରଧାନମନ୍ତ୍ରୀଙ୍କ କୁଶପୁତଳିକା ଦାହ କରାଯାଇଥିଲା । ଏହାପରେ ନିଟ୍ ଆନ୍ଦୋଳନ ସମୟରେ ପ୍ରାଣ ହରାଇଥିବା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ମହବତୀ ଧରି ଅସୁରାଳି ହାଟ ମଧ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା । କେବଳ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଏହି ପ୍ରସଙ୍ଗର ସମାଧାନ ନୁହେଁ । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହା ଦେଶବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବା ସହ ପୀଡ଼ିତ ପରିବାରମାନଙ୍କୁ ଉପଯୁକ୍ତ ଆର୍ଥିକ ସହାୟତା ଯୋଗାଇବାକୁ ଦାବି କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି, କଂଗ୍ରେସ ନେତା ଦେବେନ୍ଦ୍ର ମହାନ୍ତି, ଅରବିନ୍ଦ ନାୟକ, ହୃଦାନନ୍ଦ ସେଠୀ, ଅଭିଷେକ ରାଉତ, ରାଜେନ୍ଦ୍ର ଜେନା, ବିଜୟ ବାରିକ, ସୁଧାଂଶୁ ଶେଖର ଦାଶ, ରବୀନ୍ଦ୍ର ଜେନା, ପ୍ରସନ୍ନ ଧଳ, ପ୍ରଦୀପ୍ତ କିଶୋର ଦାଶ, ପ୍ରଦୀପ୍ତ କିଶୋର ଦାଶ, ନରେନ୍ଦ୍ର ମଲ୍ଲିକ, ନିମାଇ ଚରଣ ଜେନା, ସୁଧୀର ଖଟୁଆ, ଆଲୋକ ସ୍ୱାଇଁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ । କଂଗ୍ରେସ ନେତା ବିଦ୍ୟାଧର ଜେନା ସଭାପତିତ୍ୱ କରିଥିଲେ ।

# ନବଯୁଗ ସାହିତ୍ୟ ସଂସଦର 'ସାଂପ୍ରତିକ ପରିସ୍ଥିତିରେ ସାହିତ୍ୟିକମାନଙ୍କ ଭୂମିକା' ଶୀର୍ଷକ ଆଲୋଚନା ଚକ୍ର



କଟକ(ନିପ୍ର): ସାରସ୍ୱତ ଅନୁଷ୍ଠାନ, ନବଯୁଗ ସାହିତ୍ୟ ସଂସଦ ର ସଦସ୍ୟ, ଶିକ୍ଷାବିତ ଓ ସାହିତ୍ୟିକ ଓଷ୍ଟା ର ପ୍ରାକ୍ତନ ସଭାପତି ସ୍ୱର୍ଗତ ରାଜ କିଶୋର ପଟ୍ଟନାୟକଙ୍କ ୧୦୧ ତମ ଜୟନ୍ତୀ ଅବସରରେ 'ସାମ୍ପ୍ରତିକ ପରିସ୍ଥିତିରେ ସାହିତ୍ୟିକ ମାନଙ୍କ ଭୂମିକା 'ଶୀର୍ଷକ ଆଲୋଚନା ଚକ୍ର ଓ କବିତା ଆସର ପାଲିତ ପଡ଼ା ସ୍ଥିତ ନବଯୁଗ ପ୍ରେସ ଠାରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ କ୍ଷୀରୋଦ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷ ତା ରେ ଅନୁଷ୍ଠିତ ଆଲୋଚନା ଚକ୍ର ରେ ମୁଖ୍ୟ ଅତିଥି ଭାବେ ଯୁବପ୍ରତିଭା ତଥା ଆଇନଜୀବି ଅମରେନ୍ଦୁ ମହାନ୍ତି, ମୁଖ୍ୟ ବକ୍ତା ଭାବେ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ସଭାପତି କୈଳାଶ ଚନ୍ଦ୍ର ଜେନା, ସମ୍ମାନନୀୟ ବକ୍ତା ଭାବେ ଶ୍ରାବଣୀ ସାହିତ୍ୟ ସଂସଦ ର ସଭାପତି ଉଦୟ କେଶରୀ ବର୍ମା ଯୋଗଦେଇ ଯୁଗେ ଯୁଗେ ଅଶି ଠାରୁ ମଶୀ ର ଗୁରୁତ୍ୱ ଅଧିକ ରହିଛି । ସାହିତ୍ୟିକ କଲମ ଚାଳନା ରେ ସମାଜରେ ପରବର୍ତନ ଅବସମ୍ଭାବି ବୋଲି କହିଥିଲେ । ଏହି ଅବସରରେ ଆଦର୍ଶ ଶିକ୍ଷକ ବିବେକାନନ୍ଦ ଦାଶଙ୍କୁ 'ରାଜକିଶୋର ପଟ୍ଟନାୟକ ସ୍ମୃତି ସମ୍ମାନ'ରେ ସମ୍ମାନିତ କରା ଯାଇଥିଲା । ଡ. ବସନ୍ତ କୁମାରୀ ନନ୍ଦଙ୍କ ସଂଯୋଜନା ରେ ଅରୁଣ କୁମାର ଅଗ୍ରୱାଲ, ସୁନି ଦାସ, ପ୍ରଭାକର ଦାସ, ଭାବଗ୍ରାହୀ ଦାସ, ଜଗନ୍ନାଥ ମଲ୍ଲିକ, ମିହିର ବିଶ୍ୱାଳ, ସଚ୍ଚିଦାନନ୍ଦ କର, ଲୋକନାଥ ସେଠୀ, ଜୟ ସିଂହ, ବାସନ୍ତୀ ସ୍ୱାଇଁ, ଛବିନ୍ଦ୍ର ଖୁଂଟିଆ, ମୋହନ ନାୟକ, କୁଳମଣୀ ପଣ୍ଡା, ନେହା ପ୍ରୀୟଦର୍ଶୀନୀ ସ୍ୱାଇଁ, ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ସଂସଦର ଆବାହକ ବିନୋଦ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ରାଜ କିଶୋର ପଟ୍ଟନାୟକଙ୍କ ସୁପୁତ୍ର ଅଭୟ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରୋଗୀ କଲ୍ୟାଣ ସମିତି

ସୋର(ନିପ୍ର): ସୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରୋଗୀ କଲ୍ୟାଣ ସମିତିର ଏକ ବୈଠକ ଅଧିକ୍ଷକ କାଶୀନାଥ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ସୋର ବିଧାୟକ ମାଧବ ଧଡ଼ା ଓ ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷ ଅନୁସୟା ମଳିକ ଉନସ୍ଥିତ ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରିଥିଲେ । ଉପସ୍ଥିତ ଅନ୍ୟ ସଭ୍ୟ ମାନେ ରୋଗୀମାନଙ୍କର ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା କରିବା ସହିତ ଡାକ୍ତରମାନେ ରୋଗୀ ଓ ସେମାନଙ୍କ ସହ ଆସୁଥିବା ସମ୍ପର୍କୀୟଙ୍କୁ ଉଚିତ ବ୍ୟବହାର ଦର୍ଶାଇବାକୁ କହିଥିଲେ ଏବଂ ଡାକ୍ତରଖାନାରେ ଚାଲିଥିବା ଦଲାଲ ରାଜକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ କହିଥିଲେ । ଶେଷରେ ଡାକ୍ତରଖାନାର ବିପିଏମ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟ୍ରେନ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

ସୋର(ନିପ୍ର): ସୋର ରେଳ ଷ୍ଟେସନରୁ ଅନତି ଦୂର ଡାଉନ ଲାଇନରେ ଜଣେ ଯୁବକ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି । ସୂଚନା ଅନୁସାରେ ଆଜି ଅପରାହ୍ନରେ ଜଣେ ଯୁବକ ଷ୍ଟେସନ ନିକଟରେ ବୁଲୁଥିଲେ । ଏହି ସମୟରେ ହଠାତ୍ ଦୁରନ୍ତ ସୁପରଫାଷ୍ଟ ଟ୍ରେନ ଆଗକୁ ଡେଇଁ ପଡ଼ିଥିଲେ । ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଖବର ପାଇ ସୋର ଅରପିଏଫ ଓ ବାଲେଶ୍ୱର ଜିଆର୍ପି ପୁଲିସ ପହଂଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ନେଇଛି । ଯୁବକ ଜଣଙ୍କ ପରିଚୟ ମିଳିପାରିନଥିବା ବେଳେ ସେ କେଉଁ କାରଣରୁ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇନାହିଁ ।

# ପାଳସାହି ସେବା ସମବାୟ ସମିତିରେ ବ୍ୟାପକ ଅନିୟମିତତା ଅଭିଯୋଗ



ଧାମନଗର(ନିପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ପାଳସାହି ସେବା ସମବାୟ ସମିତିରେ ଦୀର୍ଘ ଚାରି ବର୍ଷ ଧରି ସାଧାରଣ ସଭା ଅନୁଷ୍ଠିତ ହୋଇନଥିବା ଅଭିଯୋଗକୁ ନେଇ ଅଂଚଳବାସୀ ଓ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପାଳସାହି ଓ ରଇପୁର ପଂଚାୟତକୁ ନେଇ ଗଠିତ ଏହି ସମିତି ଉପରେ ଅ*ଳର ଅଧିକାଂଶ ଚାଷୀ ନିର୍ଭରଶୀଳ ଥିବାବେଳେ, ନିୟମ ଅନୁଯାୟୀ ସାଧାରଣ ସଭା ଅନୁଷ୍ଠିତ ହେବା କଥା । କିନ୍ତୁ ଦୀର୍ଘଦିନ ଧରି ଏହା ହୋଇ ନଥିବାରୁ ସମିତିର ସାମଗ୍ରିକ କାର୍ଯ୍ୟକଳାପ ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ?ଗତ ଶୁକ୍ରବାର ଦୁଇ ପଂଚାୟତର ବହୁ ଚାଷୀ ଓ ବିଶିଷ୍ଟ ବ୍ୟକ୍ତି ସମିତି କାର୍ଯ୍ୟାଳୟରେ ପହଂଚି ସଭାପତି ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ସମ୍ପାଦକଙ୍କ ଅନୁପସ୍ଥିତିରେ ସଭାପତିଙ୍କ ନିକଟରେ ସାଧାରଣ ସଭା ନ ହେବା, ଅଡିଟ ରିପୋର୍ଟ ପ୍ରକାଶ ନପାଇବା ଏବଂ ସମିତିର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ଚାଷୀମାନେ କଡ଼ା ଜବାବ ମାଗିଥିଲେ । ଚାଷୀଙ୍କ ପ୍ରଶ୍ନର ଉତର ଦେଇ ସଭାପତି କହିଛନ୍ତି ଯେ, ଅଡିଟ ପ୍ରକ୍ରିୟା ଶେଷ ହୋଇନଥିବାରୁ ସଭା ଡକାଯାଇପାରି ନାହିଁ । ଆଗାମୀ କିଛି ମାସ ମଧ୍ୟରେ ସଭା କରିବାକୁ ଚେଷ୍ଟା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ତେବେ ସମିତିରେ ଦୀର୍ଘଦିନ ଧରି ବେନିୟମ ଓ ମନମୁଖୀ କାର୍ଯ୍ୟ ଚାଲିଥିବା ନେଇ ଚାଷୀମାନେ ଗୁରୁତର ଅଭିଯୋଗ ଆଣିଛନ୍ତି । ସେମାନଙ୍କ କହିବା ଅନୁସାରେ ଅନେକ ଚାଷୀଙ୍କ ଅଜାଣତରେ ସେମାନଙ୍କ ନାମରେ ହଜାର ହଜାର ଟଙ୍କାର ଋଣ ଦେଖାଇ ଅର୍ଥ ହଡ଼ପ କରାଯାଇଛି । ସମିତିର ସମ୍ପାଦକ ପ୍ରାୟତଃ ଅଫିସରେ ଅନୁପସ୍ଥିତ ରହୁଥିବା ବେଳେ ତାଙ୍କର ଜଣେ ସମ୍ପର୍କୀୟ ସମିତିର ସମସ୍ତ କାର୍ଯ୍ୟ ପରିଚାଳନା କରୁଛନ୍ତି, ଯାହା ସମ୍ପୂର୍ଣ୍ଣ ବେଆଇନ । ବର୍ତମାନର ସମ୍ପାଦକ ପୂର୍ବରୁ ଅନ୍ୟ ଏକ ସମବାୟ ସମିତିକୁ ବଦଳି ହୋଇ ଯାଇଥିବା ପରେ, ପୁଣି କେଉଁ ନିୟମ ଆଧାରରେ ଏଠାକୁ ଫେରିଲେ ତାହାକୁ ନେଇ ମଧ ସନ୍ଦେହ ପ୍ରକାଶ ପାଇଛି । ଚାଷୀମାନଙ୍କ କହିବା ଅନୁଯାୟୀ, ଏହି ସମସ୍ୟା ନେଇ ସେମାନେ ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହୋଇଛନ୍ତି, କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ସମାଧାନ କରାଯାଉନାହିଁ । ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସମସ୍ତ କଳାକାରନାମା ପଦାକୁ ଆସିବ ବୋଲି ସେମାନେ ଦାବି କରିଥିଲେ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଦିନ ବିଭାଗୀୟ ଅଧିକାରି ମାନେ ତଦନ୍ତ ପାଇଁ ଆସିଥିଲେ, କିନ୍ତୁ ସମବାୟ ବିଭାଗର ଅଧିକାରୀଙ୍କୁ ତଦନ୍ତ କରିବା ପାଇଁ ଦେଇନଥିଲେ ସମ୍ପାଦକ ଙ୍କ ନିର୍ଦ୍ଦେଶ ରେ କିଛି ଅସାମାଜିକ ଲୋକ ହୋହାଲ୍ଲା କରିଥିଲେ ଫଳରେ ଅଧିକାରୀ ମାନେ ତଦନ୍ତ ନ କରି ଫେରି ଯାଇଥିଲେ, ଏବଂ ଜିଲ୍ଲାପାଳ ଙ୍କ ସହ ଆଲୋଚନା ପରେ ଅନ୍ୟ ଏକ ତାରିଖ ଠିକ୍ କରାଯାଇ ତଦନ୍ତ ହେବ ବୋଲି କହିଥିଲେ ।

# ରକ୍ତଦାତା ସଂଘ ତରଫରୁ ରକ୍ତଦାନ ଶିବିର ଓ ସଚେତନତା କାର୍ଯ୍ୟକ୍ରମ



ନୀଳଗିରି(ନିପ୍ର): ନୀଳଗିରି ରଥ ଯାତ୍ରା ଅବସରରେ ନୀଳଗିରି ରକ୍ତଦାତା ସଂଘ ପକ୍ଷରୁ ବଡଦାଣ୍ଡ ରେ ଭ୍ରାମ୍ୟମାଣ ଯାନ ରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ରକ୍ତ ଦାନ ଶିବିର କୁ ଆନୁଷ୍ଠାନିକ ଭାବେ ଏସ.ଡି.ଏମ.ଓ. ଡାକ୍ତର ସତ୍ୟ ନାରାୟଣ ନାୟକ ଉଦ୍‌ଘାଟନ କରିଥିଲେ । ଏଥିରେ ମୋଟ ପନ୍ଦର ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । ଏହା ସହିତ ନୀଳଗିରି ମହିଳା ମହାବିଦ୍ୟାଳୟ ର ଜୁନିଅର ରେଡକ୍ରସ ତରଫରୁ ଛାତ୍ରୀ ମାନଙ୍କ ତରଫରୁ ସଚେତନତା କାର୍ଯ୍ୟକ୍ରମ କରା ଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ରେ ରକ୍ତଦାତା ସଂଘ ର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର, ସଭାପତି ଗୋପାଳ ଚନ୍ଦ୍ର ମହାପାତ୍ର, ବରିଷ୍ଠ ଉପଦେଷ୍ଟା, ସମାଜ ସେବୀ ତଥା ସାମ୍ବାଦିକ ରବି ରାଉତ, ତପସ୍ୱିନୀ ପଣ୍ଡା, ହେମେନ୍ଦ୍ର ସେଠୀ, ପ୍ରଦୀପ ମିଶ୍ର ଯୋଗ ଦେଇଥିଲେ । ରକ୍ତ କେନ୍ଦ୍ର ଅଧିକାରୀ ଡକ୍ଟର ମନୋଜ ବାରିକ, ଡାକ୍ତର ଶୁଭ୍ରାଂଶୁ ଶେଖର ପରିଡା, ମେଡିକାଲ ସୁପରିନଟେଣ୍ଡେଂଟ ଡାକ୍ତର ସରୋଜିନୀ ପ୍ରଧାନ ଉପସ୍ଥିତ ଥିବା ବେଳେ ଟେକ୍ନିସିଆନ୍ ରାଜେଶ ବେହେରା, ସଂଗ୍ରାମ ମହାପାତ୍ର, ଗତିକୃଷ୍ଣ ମହାନ୍ତି, ଓ ନର୍ସି ସିଷ୍ଟର ମଞ୍ଜରି ବେହେରା, ବିଜୟ ପଟ୍ଟନାୟକ, ଅକ୍ଷୟ ବେହେରା, ସରୋଜ ପାସା, ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ । ଏଠାରେ ସୂଚନା ଯୋଗ୍ୟ, ମହିଳା କଲେଜ ଯୁଥ ରେଡକ୍ରସ ଅଧିକାରୀ ଡ. ପ୍ରଦୀପ୍ତ କୁମାର ମିଶ୍ର ଉକ୍ତ ସଚେତନତା କାର୍ଯ୍ୟକ୍ରମ ରେ ମୁଖ୍ୟ ଆକର୍ଷଣ ଥିଲେ । ଶିଶିର ମହାପାତ୍ର ଫାଉଣ୍ଡେସନ ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହଯୋଗ କରା ଯାଇଥିଲା ।



# ପୁଲିସ ଉପରେ ବୋମାମାଡ଼ ଓ ଗୁଳିଚାଳନା; ପାଲଟା ଗୁଳିରେ ଦୁର୍ଦ୍ଧାନ୍ତ ଅଭିଯୁକ୍ତ ଆହତ



ବ୍ରହ୍ମପୁର: ପୁରୁଷୋତମପୁର ଥାନା ଅନ୍ତର୍ଗତ ନଇତଡ଼ା ସାହିର କାଳିଆ ଓରଫ ଘନଶ୍ୟାମ ବେହେରା, ଯିଏ ଏକାଧିକ ଡକାୟତି ଓ ଲୁଟ୍ ମାମଲାରେ ୱାଂଟେଡ୍ ଥିଲେ, ତାଙ୍କୁ ଧରିବା ପାଇଁ ପୁରୁଷୋତମପୁର ଥାନା ଆଇଆଇସି କୁଳମଣି ସେଠୀଙ୍କ ନେତୃତ୍ୱରେ ଏକ ପୁଲିସ ଦଳ ଚଢ଼ାଉ କରିଥିଲା । ବିଶ୍ୱସ୍ତ ସୂଚନା ଆଧାରରେ ପୁଲିସ ଦଳ କାଳିଆଙ୍କୁ ପିଛା କରୁଥିବା ବେଳେ, ସେ ଜଣେ ସହଯୋଗୀଙ୍କ ସହ ମୋଟରସାଇକେଲରେ କୋଦଳା ଥାନା ଅନ୍ତର୍ଗତ କିନାରୀ–ଚୁଂଚିପଡ଼ା ଜଙ୍ଗଲ ରାସ୍ତାରେ ଯାଉଥିଲେ । ଏହି ସମୟରେ ଅଭିଯୁକ୍ତ ପୁଲିସ ଦଳ ଉପରକୁ ବୋମାମାଡ଼ କରିବା ସହ ଗୁଳିଚାଳନା କରିଥିବା ଅଭିଯୋଗ ହୋଇଛି । ପୁଲିସ କର୍ମଚାରୀଙ୍କ ଜୀବନର ସୁରକ୍ଷା ଦୃଷ୍ଟିରୁ ଆତ୍ମରକ୍ଷାର ଅଧିକାର ପ୍ରୟୋଗ କରି ଆଇଆଇସି କୁଳମଣି ସେଠୀ ପାଲଟା ଗୁଳିଚାଳନା କରିଥିଲେ । ଏଥିରେ କାଳିଆ ଓରଫ ଘନଶ୍ୟାମ ବେହେରାଙ୍କ ଡାହାଣ ଗୋଡ଼ରେ ଗୁଳି ବାଜି ସେ ଆହତ ହୋଇଥିଲେ ।ଆହତ ଅଭିଯୁକ୍ତଙ୍କୁ ତୁରନ୍ତ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ଉଐଉ)କୁ ଚିକିତ୍ସା ପାଇଁ ନିଆଯାଇଥିଲା । ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁରସ୍ଥିତ ଏମ୍ ?କେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ।ଏହି ଘଟଣାରେ ଆଇଆଇସି କୁଳମଣି ସେଠୀ ଓ ସାଥିରେ ଥିବା ଅନ୍ୟ ପୁଲିସ କର୍ମଚାରୀମାନେ ସୁରକ୍ଷିତ ଅଛନ୍ତି । ଘଟଣାର ତଦନ୍ତ ଜାରି ରହିଛି ।

# ବର୍ଜ୍ୟ ପଲିଥିନ୍‌ରୁ ପେଭର ବ୍ଲକ୍ : ଛାତ୍ରଙ୍କ ଉଦ୍ଭାବନକୁ ମିଳିଲା ଜିଲ୍ଲାସ୍ତରୀୟ ସଫଳତା

ବ୍ରହ୍ମପୁର / ଛତ୍ରପୁର(ନି.ପ୍ର.): ନିଜର ଅଭିନବ ଚିନ୍ତାଧାରା ଓ ପରିବେଶ ସଚେତନତାକୁ ଭିତି କରି ପ୍ରସ୍ତୁତ କରିଥିବା 'ଗ୍ରାମ ସାଇକେଲ୍ (ଏକ୍ସବଙ୍କ ଉଚ୍ଚମକ୍ଷର)' ପ୍ରକଳ୍ପ ପାଇଁ ଛତ୍ରପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଚାମାଖଣ୍ଡିର ଦ୍ୱାଦଶ ଶ୍ରେଣୀର ଛାତ୍ର ଶଶାଙ୍କ ଶେଖର ପଣ୍ଡା ଗଞ୍ଜାମ ଜିଲ୍ଲାସ୍ତରୀୟ ହ୍ୟାକାଥନ୍–୩.୦ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ସହ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଗୁରୁବାର ଡୋରା ନ୍ୟାସନାଲ ହାଇସ୍କୁଲ୍ ପରିସରରେ ଆୟୋଜିତ ଏହି ଜିଲ୍ଲାସ୍ତରୀୟ ହ୍ୟାକାଥନ୍ ?ରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ନିଜ ନିଜର ଅଭିନବ ପ୍ରକଳ୍ପ ଉପସ୍ଥାପନ କରିଥିଲେ । ଆଇଆଇଟି ଭୁବନେଶ୍ୱରର ଦୁଇଜଣ ପ୍ରଫେସର ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପଗୁଡ଼ିକର ସାମାଜିକ ଉପଯୋଗିତା ଓ ବୈଜ୍ଞାନିକ ଦୃଷ୍ଟିକୋଣକୁ ଆଧାର କରି ମୂଲ୍ୟାୟନ କରିଥିଲେ । ଶଶାଙ୍କଙ୍କ 'ଗ୍ରାମ ସାଇକେଲ' ପ୍ରକଳ୍ପରେ ବର୍ଜ୍ୟ ପଲିଥିନ୍ ଓ ବାଲିର ସମନ୍ୱୟରେ ପେଭର ବ୍ଲକ୍ ପ୍ରସ୍ତୁତିର ଏକ ପରିବେଶବନ୍ଧବ ପ୍ରଯୁକ୍ତି ଉପସ୍ଥାପିତ କରାଯାଇଥିଲା । ପ୍ଲାଷ୍ଟିକ୍ ବର୍ଜ୍ୟର ସଦୁପଯୋଗ ମାଧ୍ୟମରେ ପ୍ରଦୂଷଣ ନିୟନ୍ତ୍ରଣ ଓ ସ୍ଥାୟୀ ବିକାଶର ବାର୍ତା ବହନ କରୁଥିବା ଏହି ଅଭିନବ ପ୍ରକଳ୍ପଟି ୮୦ଟି ପ୍ରକଳ୍ପ ମଧ୍ୟରୁ ଦ୍ୱିତୀୟ ସ୍ଥାନ ହାସଲ କରିଥିଲା । ଏହି ସଫଳତା ପାଇଁ ଶଶାଙ୍କଙ୍କୁ ୧୫ ହଜାର ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା । ତାଙ୍କର ଏହି କୃତିତ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବ ସୃଜନ ଓ ବୈଜ୍ଞାନିକ ଚିନ୍ତାଧାରା ପ୍ରତି ଆଗ୍ରହ ସୃଷ୍ଟି କରିଥିବାବେଳେ ସମଗ୍ର ବିଦ୍ୟାଳୟ ପରିବାର ପାଇଁ ଗର୍ବର ବିଷୟ ପାଲଟିଛି । କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସମେତ ବହୁ ବିଶିଷ୍ଟ ଶିକ୍ଷାବିତ ଓ ଶିକ୍ଷା ଅଧିକାରୀ ଉପସ୍ଥିତ ଥିଲେ । ଏହି ଉଲ୍ଲେଖନୀୟ ସଫଳତା ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଚାମାଖଣ୍ଡି ଅଧ୍ୟକ୍ଷ ପ୍ରମୋଦ କୁମାର ବେହେରା, ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଶଶାଙ୍କ ଶେଖର ପଣ୍ଡାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ତୃତୀୟ ଶ୍ରୀକ୍ଷେତ୍ର ବାହୁଡ଼ା ଯାତ୍ରା ଅବସରରେ ଅଧା ବାଟରେ ଅଟକିଲେ ଚତୁର୍ଦ୍ଧାମୂର୍ତି



ନୀଳଗିରି, (ନି.ପ୍ର.)ତୃତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ବାଲେଶ୍ୱର ଜିଲ୍ଲା ନୀଳଗିରିରେ ମହାପ୍ରଭୁ ଙ୍କ ପ୍ରଥମ ଦିନର ବାହୁଡ଼ା ଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି । ଅପରାହ୍ନରେ ଗୁଣ୍ଡିଚା ମନ୍ଦିର ମନ୍ଦିର ସମ୍ମୁଖରେ ଥିବା ରଥକୁ ଭକ୍ତମାନେ ଜୟ ଜଗନ୍ନାଥ ଧ୍ୱନି ଦେଇ ବଡ଼ଦାଣ୍ଡରେ ଶ୍ରୀମନ୍ଦିର ଆଡ଼କୁ ଶ୍ରଦ୍ଧାଳୁ ମାନେ ଟାଣି ଟାଣି ନେଇଥିଲେ । ପ୍ରଥମ ଦିନରେ ଶ୍ରଦ୍ଧାଳୁ ଓ ଜଗନ୍ନାଥ ପ୍ରେମୀ ଗୁଣ୍ଡିଚା ମନ୍ଦିର ନିକଟରୁ ରଥଟାଣି ବଡ଼ଦାଣ୍ଡ ଅଧାରାସ୍ତା ତଥା ଶଙ୍କରା ଖୁଂଟା ପୋଖରୀ ସମ୍ମୁଖ ରେ ପହଂଚାଇ ଥିଲେ । ଝିପି ଝିପି ବର୍ଷା ସତ୍ତ୍ୱେ ବଡ଼ଦାଣ୍ଡରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ରଥ ଉପରେ ଚତୁର୍ଦ୍ଧାମୂର୍ତି ଗୋଟିଏ ରାତି ରହିବା ପରେ ପୁଣି ରବିବାର ତଥା ଆଜି ଅପରାହ୍ନରେ ରଥଟଣା କାର୍ଯ୍ୟ ଆରମ୍ଭ ହେବ । ଏହି ବାହୁଡା ଯାତ୍ରା ରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ସମେତ ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ, ସ୍ଥାନୀୟ ଉପ-ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ସାଂସଦ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରମୋଦ ମଲିକ ଙ, ଏନ.ଏ.ସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ବାହୁଡ଼ାଯାତ୍ରା କୁ ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା ରଥ ପରିଚାଳନା ଏବଂ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ରଥର ଦିଗ ନିର୍ଦ୍ଦେଶ କରିଥିଲେ । ପ୍ରଦୀପ୍ତ ମିଶ୍ର ଧାରା ବିବରଣୀ ପ୍ରକାଶ କରିଥିଲେ ।

# ନିଶା ମୁକ୍ତ ଭାରତ ଗଠନରେ ଯୁବ ଶକ୍ତିର ଭୂମିକା କାର୍ଯ୍ୟକ୍ରମ

କନ୍ଧମାଳ, (ହି.ସ.)- ଫୁଲବାଣୀ ମାଇଁ ଭାରତ କନ୍ଧମାଳ ତରଫରୁ ନିଶା ମୁକ୍ତ ଭାରତ ଗଠନରେ ଯୁବ ଶକ୍ତିର ଭୂମିକା କାର୍ଯ୍ୟକ୍ରମ, ଫୁଲବାଣୀ ବି ଇ ଡି କଲେଜ ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପ୍ରବେଶନାଲ ଆଇ ଏ ଏସ ଜସ କିରଣ ସିଂ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷାବିତ ନବ କିଶୋର ରଥ, ବରିଷ୍ଠ ଆଇନଜିବୀ ବିଜୟ କୃଷ୍ଣ ପଟ୍ଟନାୟକ, ଆଇନଜିବୀ ମନୋଜ କୁମାର ପଟ୍ଟନାୟକ, ସିଟି କଲେଜର ଅଧକ୍ଷ କୃଷ୍ଣ ଚନ୍ଦ୍ର, ବି ଏ ଡ କଲେଜର ପୂର୍ବତନ ଅଧକ୍ଷ ମଧୁପ ସୁନା ଏବଂ ମାଇଁ ଭାରତ ଫୁଲବାଣୀର ଜିଲ୍ଲା ଯୁବ ଅଧିକାରୀ ପ୍ରଶାନ୍ତ କୁମାର, ସହକର୍ମୀ ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ କ୍ଷ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତିନି ଶହରୁ ଉର୍ଦ୍ଧ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଲୋକ ନୃତ୍ୟ, ଲୋକ ଗୀତ, ବକ୍ତୃତା, ଚିତ୍ରାଙ୍କନ, ସ୍ଲୋଗାନ ରାଇଟିଙ୍ଗ, ପଥପ୍ରାନ୍ତ ନାଟକ, କବିତା, ରିଲ ଇତ୍ୟାଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା କ୍ଷ ଉପସ୍ଥିତ ସମସ୍ତ ଅତିଥି ଏବଂ ଭାଇ ଓ ଭଉଣୀ ମାନେ ଦସ୍ତଖତ ଅଭିଯାନ ମଧ୍ୟ କରିଥିଲେ । ମୁଖ୍ୟ ଅତିଥି ଅନୁଷ୍ଠିତ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଭାଇ ଓ ଭଉଣୀ ମାନଙ୍କୁ ଅବଗତ କରାଇଥିଲେ ଏବଂ ଶପଥ ପାଠ ମଧ୍ୟ କରାଇଥିଲେ । ବିଜିନ୍ନ ପ୍ରତିଯୋଗୀତାରେ ବିଜୟୀ ପ୍ରତିଯୋଗି ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଏହି ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସମସ୍ତ ପ୍ରତିଯୋଗୀ ରାଜ୍ୟ ସ୍ତରୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ । ବୈଠକରେ ମାଇଁ ଭାରତ ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳ ବେହେରା ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଓ ଉପସ୍ଥିତ ଯୁବ ଭାଇ ଓ ଭଉଣୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ମନୋଜ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟ ଶିକ୍ଷାମନ୍ତ୍ରୀ ଇସ୍ତଫା ଦାବିରେ କ୍ୟାଣ୍ଡେଲଲାଇଟ ଶୋଭାଯାତ୍ରା

ନୟାଗଡ(ନି.ପ୍ର.) -ଦେଶବ୍ୟାପି ଛାତ୍ରଛାତ୍ରୀଙ୍କୁ ଅମାନୁଷିକ ମାଡମାରିଥିବା ଉଦ୍ଧତ ପୋଲିସ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସହିତ ମୃତାହତଙ୍କ ପରିବାରକୁ କ୍ଷତିପୂରଣ ଦ୍ୱୀ ଏବଂ ଶିକ୍ଷାବ୍ୟବସ୍ଥାରେ କଳଙ୍କ ପାଇଁ ଦେଶର ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ କ୍ଷମା ମାଗିବା ଦାବୀରେ ଆଜି ନୟାଗଡ଼ ଡିସିସି ସଭାପତି ତଥା ବରିଷ୍ଠ ଆଇନଜୀବୀ ଶ୍ରୀ ରଣଜିତ ଦାଶଙ୍କ ନେତୃତ୍ୱରେ ଆଜି ଜାତୀୟ ପତାକା ସହିତ ଟ୍ରାଫିକ ଛକଠାରୁ ତ୍ରିନାଥଛକ ଗାନ୍ଧୀମୂର୍ତି ଯାଏଁ କ୍ୟାଣ୍ଡେଲଲାଇଟ ଶୋଭାଯାତ୍ରା ଏବଂ ସତ୍ୟାଗ୍ରହ ଆନ୍ଦୋଳନ କାରାଯାଇଥିଲା କ୍ଷ ଆମ ରାଜ୍ୟର ଅପାରଗ ଗଣଶିକ୍ଷା ମନ୍ତ୍ରୀ ସ୍କୁଲ ପିଲାମାନଙ୍କୁ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ଯୋଗାଇଥିବା ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରାଯାଇଥିଲା କ୍ଷ ନୟାଗଡ଼ ଛକ ଠାରେ ଛାତ୍ରକଂଗ୍ରେସ ପକ୍ଷରୁ ବାଣଫୁଟାଇ ଭ୍ରଷ୍ଟ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ବିଜୟ ଉତ୍ସବ ପାଳନ କରାଯାଇଥିଲା କ୍ଷ ରାହୁଲ ଗାନ୍ଧୀଙ୍କ ବାଉନ୍ସର ବୋଲିଂରେ ମୋଦି ଟିମର ପ୍ରଥମ୍ୱିକେଟ ପତନ ଘଟିଥିବାରୁ କଂଗ୍ରେସ ଶିବିରରେ ଆନନ୍ଦ ପ୍ରକାଶ ପାଇଛି କ୍ଷ ଏହି କାର୍ଯ୍ୟକ୍ରମରେ କଂଗ୍ରେସ ସିପାହୀ ଫକୀର ଚରଣ ମଲ୍ଲ, ବିଭୁପ୍ରସାଦ ମିଶ୍ର, ଅମଜାଦ ଖାଁ, ପୂର୍ଣ୍ଣଚନ୍ଦ୍ର ନାୟକ, ହାସୀମ ଖାଁ, ଆଦତ୍ୟପ୍ରସାଦ



ପରିଡା, ଆଲୋକ ପ୍ରଧାନ, ପୀତବାସ ଖୁଂଟିଆ, ମଦନମୋହନ ବିଶୋଇ,ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରତୀକ ମହାପାତ୍ର, ଦିଲ୍ଲୀପ ବିଶୋଇ, ଶିବରଞ୍ଜନ ସାହୁ ପ୍ରମୁଖଙ୍କ ସହିତ ବହୁ ଛାତ୍ରଯୁବକ କାର୍ଯ୍ୟକର୍ତା ଯୋଗଦେଇଥିଲେ ।

# କୁଳଡିହା ରେ ବାଘ ଆତଙ୍କ

ନୀଳଗିରି,(ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ କୁଳଡିହା ଅଭୟାରଣ୍ୟ ରେ ବାଘ ଆତଙ୍କ ଦେଖିବାକୁ ମିଳିଛି ।କୁଳଡିହା ଅଭୟାରଣ୍ୟରୁ ଏକ ମହାବଳ ବାଘ ବାଲିଆନାଳ ବିଟ ହାଉସ ଦେଇ ଖସିଆସି ନିକଟ ନଟାପଡା ଗ୍ରାମରେ ଜୈନିକ ଯୁବକଙ୍କୁ ଆକ୍ରମଣ କରି କ୍ଷତାକ୍ତ କରିଥିବା ଜଣାପଡ଼ିଛି ।ସୂଚନା ଅନୁଯାଇ କୁଳଡିହା ଅଭୟାରଣ୍ୟ ପାଦଦେଶ କେଶିପୁର ପଂଚାୟତ ନଟାପଡା ଗ୍ରାମର ନାରାୟଣ ସିଂ ଙ୍କ ପୁଅ ସୁନୀଲ କୁମାର ସିଂ (୨୬) ଆଜି ଦ୍ୱିପ୍ରହର ପ୍ରାୟ ୧୨ରୁ ୧ ଘଟିକା ସମୟ ମଧ୍ୟରେ ଘରପାଖ ଜଙ୍ଗଲକୁ ଗରୁ ଆଣିବାକୁ ଯାଇଥିଲେ । ଗରୁ ଘଉଡ଼ାଇ ଆଣିବା ବେଳେ ବୁଦା ମୂଳରୁ ଏକ ମହାବଳ ବାଘ ପଛପଟୁ ସୁନୀଲ ଉପରକୁ ଲମ୍ଫ ପ୍ରଦାନ କରିଥିଲା । ପ୍ରାୟ ଅଧାଘଂଟା ବାଘ ମଣିଷ ମଧ୍ୟରେ ଲଢେଇ ପରେ ବାଘଟି ସ୍ଥାନ ଛାଡ଼ି ପଳାଇ ଥିଲା । ବାଘ ସୁନୀଲ ଙ୍କର ଡାହାଣ ଗୋଡ଼ ଜଙ୍ଘ ଆଣ୍ଠୁ, ବାମ ହାତରେ ଆକ୍ରମଣ କରି କାମୁଡି ଦେବାରୁ ଗଭୀର ଆଘାତ ଲାଗିଥିବା ଦେଖିବାକୁ ମିଳିଛି ।ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚିତ୍କାର ଶୁଣି ଗ୍ରାମବାସୀ ଘଟଣା ସ୍ଥଳ ରେ ପହଂଚି ସୁନୀଲ କୁ ଉଦ୍ଧାର କରି ଘରକୁ ଆଣିଥିଲେ । ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସ କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଆମ୍ବୁଲାନ୍ସ ସଠିକ ସମୟରେ ପହଂଚିପାରିନଥିଲା । ଦ୍ୱେ ବାଇକ ଯୋଗେ ପ୍ରାୟ ୭ କିମି ରାସ୍ତା ଆସିବା ପରେ ଗୋହିରା ଛକରୁ ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ଚାରି ଘାଟିକା ସମୟରେ ନୀଳଗିରି ମେଡିକାଲ କୁ ଅଣାଯାଇ ଚିକିତ୍ସା କରାଯାଇଥିଲା । ଅବସ୍ଥା ଉଦବେଗଜନକ ଥିବାରୁ ରେମୁଣା ସ୍ଥିତ ଫକୀରମୋହନ ମେଡିକାଲ କଲେଜ କୁ ସ୍ଥାନାନ୍ତରିତ କରାଯାଇଛି । ବାଘ ଆତଙ୍କ ପାଇଁ ଅଂଚଳରେ କକୁଆ ଭୟ ସୃଷ୍ଟି ହୋଇଥିବା ବେଳେ ଗ୍ରାମରେ ତାଟି କବାଟ ପଡିଯାଇଛି । ଦ୍ୱେ ଏଭଳି ଏକ ସମ୍ବେଦନଶୀଳ ଘଟଣା କୁନେଇ ବନ ବିଭାଗ ପକ୍ଷରୁ ପେଟ୍ରୋଲିଂ ପାଇଁ ସାଧାରଣରେ ଦାବୀ ହେଉଛି ।

# ପାଚିକା ସହାୟିକାଙ୍କ କର୍ମଶାଳା ଅନୁଷ୍ଠିତ

ଜୟପୁର,(ହି.ସ.)- ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଭୁବନେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ତରଫରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି କ୍ଷ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧିନସ୍ଥ ଆମ୍ବାଗୁଡା, ରଣ୍ଡାପାଲି, ହାଟ କଙ୍ଗା, ଜାମୁଣ୍ଡା, ଦୋରାଗୁଡା ଓ ଜୟନ୍ତଗିରି ସାଧନ କେନ୍ଦ୍ର ର ସମସ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଓ ପାଚିକା ସହାୟିକାଙ୍କ କର୍ମଶାଳା ପି ଏମ୍ ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆମ୍ବାଗୁଡା ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଏଥିରେ ୬ ଗୋଟି କେନ୍ଦ୍ର ର ସମସ୍ତ ପାଚିକା ୨୦୦ ଜଣ ଯୋଗଦାନ କରିଥିଲେ । ରୋଷେଇ କରିବା ସହିତ ରୋଷେଇ ଘରକୁ ସଫା ସୁତୁରା ରଖିବା ଓ ଗ୍ୟାସ ର ବ୍ୟବହାର ସମ୍ବନ୍ଧରେ ତାଲିମ ପ୍ରାପ୍ତ ଶିକ୍ଷକମାନେ ସେମାନଙ୍କୁ ତାଲିମ ଦେଇଥିଲେ । ପି ଏମ୍ ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆମ୍ବାଗୁଡାର ପ୍ରଧାନଶିକ୍ଷକ ସୁନୀଲ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଲିମ୍ କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ବରିଷ୍ଠ ସହାୟକ ଶଶୀ ଭୂଷଣ ଦାସ ଓ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର ସୋମନାଥ ଗାଦବା ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଂଚାସିନ ହୋଇ ଉପରୋକ୍ତ ବିଷୟରେ ପାଚିକା ମାନଙ୍କୁ ଅବଗତ କରାଇଥିଲେ କ୍ଷମନୋଜ ପଟ୍ଟନାୟକ ମଧ୍ୟାହ୍ନ ଭୋଜନ ହିସାବ ରକ୍ଷକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ଆଦିତ୍ୟ କୁମାର ମିଶ୍ର ମଂଚ ପରିଚାଳନା କରିଥିଲେ । ଅପରାହ୍ନରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର ଚନ୍ଦନ କୁମାର ନାୟକ ପାଚିକା ସହାୟକାଙ୍କୁ ସମସ୍ତ ବିଷୟରେ ସଚେତନ କରାଇଥିଲେ । ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ସମସ୍ତ ପାଚିକା ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା କ୍ଷଉକ୍ତ କାର୍ଯ୍ୟକ୍ରମରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର କେ ଗୋପାଳ, ହିସାବ ରକ୍ଷକ ସର୍ବ ଶିକ୍ଷା ଅଭିଯାନ ରଂଜିତ ମହାନ୍ତି, ଶିକ୍ଷକ ମନୋଜ ପଟ୍ଟନାୟକ, ଅଶୋକ କୁମାର ସ୍ୱାଇଁ, ରଘୁନାଥ ଖିଲ, ଦେବାଶିଷ ପାଳ, ରମେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେକ୍ଷ ବିଦ୍ୟାଳୟର କର୍ମଚାରୀ ଶ୍ରୀମତୀ ସଂଯୁକ୍ତା ନାୟକ, ନିରଞ୍ଜନ ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ପତ୍ରାପାଲିର ପ୍ରାକୃତିକ ଜଳସ୍ରୋତ ପରିଦର୍ଶନ କଲେ ଜିଲ୍ଲାପାଳ



ଝାରସୁଗୁଡ଼ା,(ନି.ପ୍ର.) ପତ୍ରାପାଲି ଗ୍ରାମ ଅନ୍ତର୍ଗତ ଏକନଗୁଡ଼ି ପ୍ରାକୃତିକ ଜଳସ୍ରୋତରେ ପ୍ରଦୂଷଣ ସମ୍ପର୍କିତ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଝାରସୁଗୁଡ଼ା ଜିଲ୍ଲାପାଳ ଶ୍ରୀ କୁଣକ୍ଷଲ ମୋତିରାମ ଚହ୍ୱାଣ ଆଜି ସରଜମିନ ଗସ୍ତ କରି ସ୍ଥିତିର ଅନୁଧ୍ୟାନ କରିଥିଲେ ।ଶ୍ରୀ କଙ୍ଗଲା ମାଞ୍ଜୀ ଆଦିବାସୀ କଲ୍ୟାଣ ସମିତି ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାଖଲ ହୋଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଥିଲା ଯେ, ଏନ୍ଏଲ୍‌ସି ତଲବୀରା–୨ ଓ ୩ କୋଇଲା ଖଣିରୁ ନିର୍ଗତ କୋଇଲା ଗୁଣ୍ଡ ଓ ବର୍ଜ୍ୟବସ୍ତୁ ପ୍ରଭାବରେ ପତ୍ରାପାଲି ଗ୍ରାମର ଏକନଗୁଡ଼ି ପ୍ରାକୃତିକ ଜଳସ୍ରୋତ ପ୍ରଦୂଷିତ ହୋଇଥିବା ସହ ସ୍ଥାନୀୟ ଲୋକଙ୍କ ନିତ୍ୟ ବ୍ୟବହାର ଏବଂ ପାରମ୍ପରିକ ପୂଜାପାଠରେ ବ୍ୟବହୃତ ଜଳ ଅବ୍ୟବହାରଯୋଗ୍ୟ ହୋଇପଡ଼ିଛି । ଏହା ଫଳରେ ସ୍ଥାନୀୟ ବାସିନ୍ଦା ଓ ବନ୍ୟଜନ୍ତୁମାନଙ୍କ ପାଇଁ ମଧ୍ୟ ପାନୀୟ ଜଳ ସମସ୍ୟା ସୃଷ୍ଟି ହୋଇଥିବା ଅଭିଯୋଗରେ ଦର୍ଶାଯାଇଥିଲା । ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ସମ୍ପୃକ୍ତ ସ୍ଥାନ ପରିଦର୍ଶନ କରି ଜଳସ୍ରୋତର ବର୍ତମାନ ସ୍ଥିତି ନିରୀକ୍ଷଣ କରିଥିଲେ । ସେ ଜଳସ୍ରୋତର ତୁରନ୍ତ ସଫେଇ, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ସମ୍ପୃକ୍ତ କମ୍ପାନୀ ଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଘଟଣାର ସମସ୍ତ ଦିଗକୁ ଯାଂଚ କରି ପ୍ରଚଳିତ ନିୟମାନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଏବଂ ଦୀର୍ଘମିଆଦି ସମାଧାନ ପାଇଁ ପଦକ୍ଷେପ ନେବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟ ର ଲୋକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରି ଉକ୍ତ ସ୍ଥାନର ବିକାଶ ପାଇଁ ସେମାନଙ୍କ ର ଯେଉଁ ଦାବି ଗୁଡିକ ରହିଛି ସେସବୁ ପୂରଣ ଦିଗରେ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ପରିବେଶ ସୁରକ୍ଷା, ପ୍ରାକୃତିକ ଜଳସ୍ରୋତର ସଂରକ୍ଷଣ ଏବଂ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଥିବା ବେଳେ ଏହି ଘଟଣାର ନିୟମିତ ଅନୁଧ୍ୟାନ କରାଯିବ ବୋଲି ଜଣାପଡ଼ିଛି ।

# ବିଜେପି ସରକାରର ଛାତ୍ର ମାରଣ ନୀତି ବିରୁଦ୍ଧରେ ନୀଳଗିରି କଂଗ୍ରେସର ବିକ୍ଷୋଭ ଓ କୁଶପୁତଳିକା




ନୀଳଗିରି,(ନି.ପ୍ର.)ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସ ଙ୍କ ନିର୍ଦ୍ଦେଶ କ୍ରମେ ଓଡିଶା ର ବିଭିନ୍ନ ବ୍ଲକ ଓ ସଦର ମହକୁମା ରେ ବିଜେପି ର ଛାତ୍ର ମାରଣ ନୀତି, ପ୍ରଶ୍ନ ପତ୍ର ଲିକ, ଆନ୍ଦୋଳନ ରତ ଛାତ୍ର ଙ୍କ ଉପରେ ଅମାନବୀୟ ଅତ୍ୟାଚାର, କଂଗ୍ରେସ ଦଳ ର ଜନନେତା ରହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗ୍ହାନ୍ଧୀ ଙ୍କୁ ଅଗଣତାନ୍ତ୍ରିକ ଭାବେ ଗିରଫ କରିଥିବା ପ୍ରତିବାଦ ରେ ଆଜି ନୀଳଗିରି କଂଗ୍ରେସ ତରଫରୁ ସଭାପତି ତପନ କୁମାର ରାଉତ ଙ୍କ ଅଧକ୍ଷତା ରେ ଏକ ବିକ୍ଷୋଭ ଓ କୁଶପୁତଳିକା ଦାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀ ମାନେ ଏକ ସଭାଯାତ୍ରା ରେ ଆସି ନୀଳଗିରି ଉପଜିଲ୍ଲାପାଳ ଙ୍କ ଅଫିସ ସଂମୁଖ ରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ସାହା, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓ ରାଜ୍ୟ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କ ଇସ୍ତଫା ଦାବୀ କରିବା ସହିତ ସେମାନଙ୍କ କୁଶ ପୁତଳିକା ଦାହ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ ରେ ନଗର ସଭାପତି ଉପେନ୍ଦ୍ର ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ଯଶୋଦା ନନ୍ଦନ ସିଂହ, ଜିଲ୍ଲା ସମ୍ପାଦକ ରାହାସ ବିହାରୀ ମହାପାତ୍ର, ବ୍ଲକ ଉପସଭାପତି ଜୟନ୍ତ ଦାସ, ବ୍ଲକ ଉପସଭାପତି ସୁରେନ୍ଦ୍ର ଦାସ,ବ୍ଲକ ଉପସଭାପତି ପିତାମ୍ବର ମିଶ୍ର,ଔପଦା ବ୍ଲକ ଉପସଭାପତି ବାସୁଦେବ ପାତ୍ର, ଡି.ଏନ.ପୁର ପ୍ରାକ୍ତନ ସରପଂଚ ବିଦ୍ୟାଧର ମହାନ୍ତି,ଆରବନ୍ଧ ପ୍ରାକ୍ତନ ସରପଂଚ ଧୀରେନ୍ଦ୍ର ନାୟକ,ଅନୁସୂଚିତ ଜନ ଜାତି ବ୍ଲକ ସଭାପତି ପ୍ରସନ୍ନ ପାତ୍ର, ଅଦ୍ୟତ ନାୟକ,ରତ୍ନାକର ମାଝୀ, ବ୍ରଜମୋହନ ପୃଷ୍ଟି ,ଆରବନ୍ଧ ପଂଚାୟତ ସଭାପତି ସୂର୍ଯ୍ୟ କୁମାର ବେହେରା ଓ ବହୁ କଂଗ୍ରେସ କର୍ମୀ ଓ ନେତା ଉପସ୍ଥିତ ଥିଲେ ।

# ବୋରିଗୁମ୍ମା ବ୍ଲକରେ ମହିଳା ମାନଙ୍କୁ ମୋହରା କରି କୋଟି କୋଟି ଟଙ୍କା ଲୁଟ୍

ଜୟପୁର, (ହି.ସ.)- କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକରେ କେମିତି ସରକାରୀ ବାବୁ ମାନେ ଏସଏଚଜି ମହିଳା ମାନଙ୍କୁ ମୋହରା କରି ଅନେଜ ପ୍ରକଳ୍ପ ଜରିଆରେ ଲୁଟି ନେଇଥିଲେ କୋଟି କୋଟି ଟଙ୍କା । ଏବେ ଆଉ ଏକ ହରିଲୁଟର ସଙ୍ଗିନ ଚିତ୍ର କ୍ଷ ମାର ମାର ଭଣ୍ଡାରିଆକୁ ମାର ଲୋକାଚାର ଭଳି ଏବେ ଚାଲିଛି ବୋରୀଗୁମ୍ମା ବ୍ଲକ ରେ ହରିଲୁଟ । ୧ ଲକ୍ଷ କି ଦୁଇ ଲକ୍ଷ ନୁହେଁ କୋଟିକୋଟି ଟଙ୍କା ଖାଇ ସରକାରୀ ବାବୁ ଚୁପ ।ମାଟି କାମୁଡୁଛି ସରକାରୀ କୋଠା କୁକୁଡା କାମୁଡୁଛନ୍ତି ଠିକାଦାର ଓ ବାବୁ । ଦିନେ ଯୋଉ ବ୍ଲକ ରାଜ୍ୟ ରାଜନୀତିରେ ଏକ ନମ୍ବରରେ ରହି ନିଜ ପରିଚୟକୁ ସ୍ୱତନ୍ତ୍ର କରିଥିଲା ଆଜି ବି ସେ ନିଜ ପରିଚୟକୁ ରଖିଛି ସୁଦୃଢ ଖାଲି ଫରକ ରହିଛି ସ୍ଥାନର ସେତେବେଳେ ଅଧିକା ବିକାଶ ପାଇଁ ପାଇଥିଲା ଏକ ନମ୍ବର ସ୍ଥାନ ଆଉ ଏବେ ପାଇଛି ଦୁର୍ନୀତିରେ ଏକ ନମ୍ବର ସ୍ଥାନ । ଯାହାର ଜ୍ୱଳନ୍ତ ଉଦାହରଣ ସାଜିଛି ବୋରିଗୁମ୍ମା ବ୍ଲକ ର ଏସଏଚଜି ମା ମାନଙ୍କୁ ମୋହରା ସଜାଇ ତତ୍କାଳୀନ ସରକାର ଓ ତତ୍କାଳୀନ ସରକାରୀ ବାବୁ ଲୁଟ କରିଥିବା କୋଟି କୋଟି ଟଙ୍କା । ବୋରିଗୁମ୍ମା ବ୍ଲକ ପ୍ରଶାସନର ମିଶନ କୁକୁଡ଼ା ଚାଷ ଉପରେ । ବ୍ଲକର ୩୧ ପଂଚାୟତରେ କୁକୁଡ଼ା ଚାଷ ପାଇଁ ଭିତିଭୂମି ପ୍ରସ୍ତୁତ ପାଇଁ ଖର୍ଚ୍ଚ ହେଲା କୋଟି କୋଟି ଟଙ୍କା । ହେଲେ କେଉଁଠି ଟିଣ, ଝରକା ଚୋରି ହୋଇଯାଇଛି ତ ଆଉ କେଉଁଠି ଅସାମାଜିକ ବ୍ୟକ୍ତିଙ୍କ ଅସାମାଜିକ କାର୍ଯ୍ୟ ଜାରି ରହୁଛି । ପାଣିରେ ପଡିଛି କୋଟିକୋଟି ଟଙ୍କା । ଏସବୁ ପଛରେ ମୂଳ ଲକ୍ଷ୍ୟ ଥିଲା କି କୋରାପୁଟ ଜିଲ୍ଲାରେ କୁକୁଡ଼ା ଚାଷ ହାର ବୃଦ୍ଧି କରିବା, ଆଉ ଏସଏଚଜି ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା କିନ୍ତୁ ଏହି ଚିତ୍ର ଦେଖିଲେ ଆପଣ ମାନେ ବି ଅନୁମାନ କରିପାରୁଥିବେ କୁକୁଡ଼ା ଚାଷର ହାର କେତେ ବୃଦ୍ଧି ହୋଇଛି ଆଉ ଏସଏଚଜି ମହିଳା ମାନେ କେମିତି ହେଉଛନ୍ତି କୋରାପୁଟ ଜିଲାରେ ସ୍ୱାବଲମ୍ବୀ । ଅନ୍ୟପଟେ ସରକାରୀ ତଥ୍ୟ ଓ ସୂଚନା ମୁତାବକ, ଆଜିକୁ ପ୍ରାୟ ତିନି ବର୍ଷ ତଳେ ମାନେ ଆର୍ଥିକ ବର୍ଷ ୨୦/୨୧ ରେ ବୋରିଗୁମ୍ମା ବ୍ଲକରେ ଆରମ୍ଭ ହୋଇଥିଲା ମିଶନ କୁକୁଡ଼ା ଚାଷ । ଏଥିପାଇଁ ବ୍ଲକର ସମସ୍ତ ପଂଚାୟତରେ ନରେଗା ଯୋଜନାରେ ହୋଇଥିଲା ୧୦ଟି ଲେଖାଏଁ କୁକୁଡ଼ା କୁଡ଼ିଆ । ଗୋଟିଏ କୁଡ଼ିଆକୁ ୩ଲକ୍ଷ ଟଙ୍କା୧୦ଟି କୁଡ଼ିଆକୁ ୩୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଏହି କ୍ରମରେ ୩୧ଟି ପଂଚାୟତର ହିସାବ କଲେ ୯ କୋଟି ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ବିଦ୍ୟୁତି କରଣ ଏବଂ ବୋରୱେଲ ଖନନରେ ମଧ ପ୍ରାୟ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ।ଏହା ପରେ ଓଏଲଏମ ତରଫରୁ କୁକୁଡ଼ା ଛୁଆ ବାବଦକୁ ମଧ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ହେଲେ ଅଧିକାଂଶ ପଂଚାୟତରେ କୁକୁଡ଼ା ଛୁଆ ମରିଯାଇଛନ୍ତି । ଏସବୁ ବାଦ କୁକୁଡ଼ା ଗୃହର ପରିଚାଳନା ପାଇଁ କିଛି ପଂଚାୟତର ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଖର୍ଚ୍ଚ ହୋଇଛି । ନିର୍ବାଚନକୁ ଆଖି ଆଗରେ ରଖି ମହିଳା ଭୋଟ କୁ ହାତେଇବା ପାଇଁ ହୋଇଥିଲା ଏହିସବୁ ଷଡଯନ୍ତ । ଆଉ ସବୁଠାରୁ ବଡ କଥା ଏହି କେଳେଙ୍କାରି ହୋଇଥିବା ଘଟଣାରେ ମୁଖ୍ୟ ଖଳନାୟକ ସାଜିଥିବା ସରକାରୀ ବାବୁ ଗୁମର ଖୋଲିବା ପୂର୍ବରୁ ନିଜ ବାଟ ନିଜେ ଦେଖି ଅନ୍ୟ ସ୍ଥାନକୁ ଛୁ ।

# କାର୍ଗିଲ ବିଜୟ ଦିବସ ଉତ୍ସବରେ ଯୋଗଦେବାକୁ ଶ୍ରୀନଗରରେ ପହଂଚିଲେ ପ୍ରତିରକ୍ଷା ମନ୍ତ୍ରୀ

ଶ୍ରୀନଗର : କାର୍ଗିଲ ବିଜୟ ଦିବସ ସମାରୋହରେ ଯୋଗଦେବା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଶନିବାର ଦିନ ଶ୍ରୀନଗରରେ ପହଂଚିଛନ୍ତି । ଜାମ୍ମୁ-କାଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନା ବିମାନବନ୍ଦରରେ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ଦୁଇ ଦିନିଆ ଲଦାଖ ଗସ୍ତରେ ଆସିଥିବା ପ୍ରତିରକ୍ଷା ମନ୍ତ୍ରୀ, ଶ୍ରୀ ସିଂହ ୨୭ତମ କାର୍ଗିଲ ବିଜୟ ଦିବସ ସମାରୋହରେ ଯୋଗଦେବେ ବୋଲି ଅଧିକାରୀମାନେ କହିଛନ୍ତି । ଅଧିକାରୀଙ୍କ କହିବା ଅନୁଯାୟୀ,ପ୍ରତିରକ୍ଷା ମନ୍ତ୍ରୀ ସିଧାସଳଖ ବିମାନ ଯୋଗେ ଦ୍ରାସରେ ପହଂଚିବାର ଥିଲା, କିନ୍ତୁ ଖରାପ ପାଗ କାରଣରୁ ହେଲିକପ୍ଟରଟି ଉଡ଼ାଣ ଭରିପାରିନଥିଲା । ଏହାପରେ ପ୍ରତିରକ୍ଷା ମନ୍ତ୍ରୀ ସଡ଼କ ପଥରେ ଦ୍ରାସ ଅଭିମୁଖେ ଯାତ୍ରା କରିଥିଲେ । ଦୁଇ ଦିନିଆ କାର୍ଗିଲ ବିଜୟ ଦିବସ ଉତ୍ସବ ଶନିବାର ଦିନ ଦ୍ରାସରେ ଆରମ୍ଭ ହୋଇଛି ।



# ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର : ୪ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ



ଭୁବନେଶ୍ୱର : ରାଜ୍ୟରେ ଆଗକୁ ବଡ଼ ବର୍ଷା । ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ନେଲା ଲଘୁଚାପ ରୂପ । ଉତର-ପଶ୍ଚିମ ବଙ୍ଗୋପସାଗର ଏବଂ ତତସଂଲଗ୍ନ ପଶ୍ଚିମବଙ୍ଗ-ଓଡ଼ିଶା ଉପକୂଳରେ ଏହି ଲଘୁଚାପ ସକ୍ରିୟ ରହିଛି । ଆଗାମୀ ୪୮ ଘଂଟାରେ ଆହୁରି ଘନୀଭୂତ ହୋଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଏହାପ ପ୍ରଭାବରେ ଓଡ଼ିଶା। ୩୦ ତାରିଖ ଯାଏ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଆଗାମୀ ୨ ଦିନ ମଧ୍ୟରେ ଏହି ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହେବା ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି । ଏହାର ସିଧାସଳଖ ପ୍ରଭାବରେ ବିଶେଷ କରି ଉତର ଓଡ଼ିଶାରେ ଭାରିରୁ ଅତି ଭାରି ବର୍ଷା ହେବାର ସମ୍ଭାବନା ରହିଛି । ପାଣିପାଗ ବିଭାଗ ପକ୍ଷରୁ ୨୫ ତାରିଖ ପାଇଁ ରାଜ୍ୟର ୪ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଘଡ଼ଘଡ଼ି ଏବଂ ପବନ ହେବାର ଆଶଙ୍କା ରହିଛି । ସ୍ଥିତିକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଜିଲ୍ଲା ପ୍ରଶାସନକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।



# ରାଜ୍ୟସଭାର ନବନିର୍ବାଚିତ ସଦସ୍ୟମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସମ୍ବୋଧିତ କଲେ ଉପ ରାଷ୍ଟ୍ରପତି

ନୂଆଦିଲ୍ଲୀ : ଉପରାଷ୍ଟ୍ରପତି ଏବଂ ରାଜ୍ୟସଭାର ସଭାପତି ସିପି ରାଧାକୃଷ୍ଣନ ଶନିବାର କହିଛନ୍ତି ଯେ ସୁସ୍ଥ ତର୍କବିତର୍କ ଗଣତନ୍ତ୍ରକୁ ସୁଦୃଢ଼ କରେ, ଯେତେବେଳେ



ରଚନାତ୍ମକ ସହଯୋଗ ଦେଶକୁ ଆଗକୁ ବଢ଼ାଏ । ଉପରାଷ୍ଟ୍ରପତି ଆଜି ରାଜ୍ୟସଭାର ନବନିର୍ବାଚିତ ଏବଂ ମନୋନୀତ ସଦସ୍ୟମାନଙ୍କ ପାଇଁ ଆୟୋଜିତ ଦୁଇ ଦିନିଆ ଓରିଏଂଟେସନ୍-ସହ-ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍ଘାଟନୀ ଅଧିବେଶନକୁ ସମ୍ବୋଧିତ କରୁଥିଲେ । ସଦସ୍ୟମାନଙ୍କର ଦୃଷ୍ଟିଭଙ୍ଗୀ ଏବଂ ଦାୟିତ୍ୱକୁ ଉଲ୍ଲେଖ କରି ଉପରାଷ୍ଟ୍ରପତି କହିଥିଲେ ଯେ ତର୍କ, ଆଲୋଚନା କିମ୍ବା ଏପରିକି ବାଧାର ମଧ୍ୟ ପରିଣାମ ସର୍ବଦା କୌଣସି ନିଷ୍ପତି ରୂପରେ ବାହାରିବା ଉଚିତ । ସଦନରେ ବିତାଯାଇଥିବା ପ୍ରତ୍ୟେକ ଦିନ, ପ୍ରତ୍ୟେକ ଘଂଟା, ପ୍ରତ୍ୟେକ ମିନିଟ୍ ଏବଂ ପ୍ରତ୍ୟେକ ସେକେଣ୍ଡକୁ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ବ୍ୟବହାର କରାଯିବା ଉଚିତ । ସଭାପତି ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ ଯେ ସେମାନେ ସୂଚନାଭିତିକ ତର୍କ, ସଦନର ନିୟମ ଏବଂ ପ୍ରକ୍ରିୟାକୁ ସମ୍ମାନ କରିବା ସହିତ ପ୍ରଶ୍ନକାଳ ଏବଂ ଶୂନ୍ୟକାଳର ପ୍ରଭାବଶାଳୀ ବ୍ୟବହାର କରି ସଦନର ସର୍ବୋଚ୍ଚ ପରମ୍ପରାକୁ ବଜାୟ ରଖନ୍ତୁ । ଏହି ଅବସରରେ ରାଜ୍ୟସଭାର ଉପସଭାପତି ହରିବଂଶଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଇନଷ୍ଟାଗ୍ରାମରେ ସକ୍ରିୟ ରହିବାକୁ ମନ୍ତ୍ରୀମାନଙ୍କୁ ପରାମର୍ଶ ଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ରିଲ୍ସ କର, ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ସକ୍ରିୟ ରୁହ । ଦେଶର ଯୁବପିଢ଼ି (ଜେନ୍-ଜି)ଙ୍କ ସହ ଯୋଡିହୁଅ । ଶୁକ୍ରବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ତ୍ରୀମାନଙ୍କୁ ଏଭଳି ପରାମର୍ଶ ଦେଇଛନ୍ତି । ଏଥିସହ ସେମାନେ ଇନଷ୍ଟାଗ୍ରାମକୁ କେତେ ବ୍ୟବହାର କରୁଛନ୍ତି ଓ ଯୁବବର୍ଗଙ୍କ ସମେତ ଲୋକମାନଙ୍କ ସହ କିଭଳି ସମ୍ପର୍କ ରଖିଛନ୍ତି ସେହି ବିଷୟରେ ପ୍ରଧାନମନ୍ତ୍ରୀ ସେଠାରେ ଉପସ୍ଥିତ ମନ୍ତ୍ରୀମାନଙ୍କୁ ପଚାରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଇନଷ୍ଟାଗ୍ରାମରେ କେବଳ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ପୋଷ୍ଟ କଲେ ତାହା ଯଥେଷ୍ଟ ହେବନାହିଁ । ଯୁବକଙ୍କ ସହିତ ଯୋଡିହେବା ପାଇଁ ସେମାନଙ୍କ ସହ ନିୟମିତ ଆଲୋଚନା କରିବାକୁ ପଡିବ । ଯୁବପିଢ଼ିଙ୍କ ସହ ସକ୍ରିୟ ରହିବାକୁ ହେଲେ ରିଲ୍ସ କରିବାକୁ ପଡିବ ଓ ତାକୁ ପୋଷ୍ଟ କରିବାକୁ ହେବ । ପ୍ରଧାନମନ୍ତ୍ରୀ କହିଥିଲେ ଯୁବବର୍ଗ ଏବେ ଇନଷ୍ଟାଗ୍ରାମରେ ଅଧିକ ସକ୍ରିୟ ରହୁଛନ୍ତି । ଯୁବକମାନେ ହେଉଛନ୍ତି ଜନସଂଖ୍ୟାର ଏକ ବିଶାଳ ଅଂଶ । ତେଣୁ ସେମାନଙ୍କ ସହ ଆମ ସମସ୍ତଙ୍କୁ ଯୋଡି ହୋଇରହିବାକୁ ପଡିବ । ସେଥିପାଇଁ ସାମାଜିକ ଗଣମାଧ୍ୟମରେ ନିଜକୁ ସକ୍ରିୟ ରଖିବାକୁ ହେବ ବୋଲି ମୋଦି କ୍ୟାବିନେଟ ମନ୍ତ୍ରୀମାନଙ୍କୁ କହିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦ୍ର କ୍ୟାବିନେଟ ବୈଠକରେ ମନ୍ତ୍ରୀମାନଙ୍କୁ ସୋସିଆଲ ମିଡିଆ, ବିଶେଷକରି ଇନଷ୍ଟାଗ୍ରାମରେ ସକ୍ରିୟ ରହିବା ଏବଂ ଯୁବକମାନଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ, କେବଳ ସରକାରୀ ଯୋଜନା ବିଷୟରେ ସୂଚନା ପ୍ରଦାନ କରିବା ଯଥେଷ୍ଟ ନୁହେଁ, ବରଂ ସେମାନେ ରିଲ୍ସ ଭଳି ଇଂଟରାକ୍ଟିଭ୍ କଂଟେଂଟ ସେୟାର କରି ଯୁବକମାନଙ୍କ ପାଖରେ ପ୍ରଭାବଶାଳୀ ଭାବରେ ପହଂଚିବା ଉଚିତ୍ । ଆଜିର ଯୁବ ପିଢ଼ି ଇନଷ୍ଟାଗ୍ରାମରେ ବହୁ ସଂଖ୍ୟାରେ ଉପସ୍ଥିତ ଅଛନ୍ତି, ଏବଂ ଏହା ନାଗରିକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଯାହାଙ୍କ ସହିତ ସମସ୍ତ ସରକାରୀ ମନ୍ତ୍ରୀ ନିରନ୍ତର ଆଲୋଚନା କରିବା ଉଚିତ । ସେ ବିଶ୍ୱାସ କରନ୍ତି ଯେ ସୋସିଆଲ ମିଡିଆ ମାଧ୍ୟମରେ ଯୁବପିଢ଼ିଙ୍କ ସହ ସଂଯୋଗ ସ୍ଥାପନ ଦ୍ୱାରା ସେମାନଙ୍କୁ ସରକାରୀ ଯୋଜନା ଏବଂ ପଦକ୍ଷେପ ବିଷୟରେ ଭଲ ଭାବରେ ସୂଚନା ଦିଆଯାଇପାରିବ ଏବଂ ସେମାନଙ୍କର ଅଂଶଗ୍ରହଣ ବୃଦ୍ଧି କରାଯାଇପାରିବ ।

# ଆୟକର ରିଟର୍ଣ୍ଣ ଦାଖଲ ଶେଷ ତାରିଖ ଜୁଲାଇ ୩୧

ନୂଆଦିଲ୍ଲୀ : ଆୟକର ପଇଠ କରୁଥିବା ଟିକସଦାତାମାନଙ୍କ ପାଇଁ ଆଇ. ଟି. ଆର. ଦାଖଲ କରିବା ବାଧ୍ୟତାମୂଳକ । ଆୟକର ରିଟର୍ଣ୍ଣ (ଆଇ. ଟି. ଆର.) ଦାଖଲ କରିବାର ଅନ୍ତିମ ତାରିଖ ପାଖେଇ ଆସୁଛି । ଆର୍ଥିକ ବର୍ଷ ୨୦୨୫-୨୬ (ଆକଳନ ବର୍ଷ ୨୦୨୬-୨୭) ନିମନ୍ତେ ଆଇ. ଟି. ଆର. ଦାଖଲ କରିବାର ଶେଷ ତାରିଖ ଜୁଲାଇ ୩୧ ତାରିଖ ୨୦୨୬ ସ୍ଥିର ହୋଇଛି । ଆଇ.ଟି.ଆର. ଦାଖଲ କରିବା ପାଇଁ ଏବେ ମାତ୍ର ୬ ଦିନ ବାକି ରହିଛି । ଆୟକର ବିଭାଗ ଶନିବାର ଦିନ ଏକ ଏକ୍ସ ପୋଷ୍ଟରେ କହିଛି ଯେ, ଶେଷ ମୁହୂର୍ତ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ନାହିଁ, ଆକଳନ ବର୍ଷ ୨୦୨୬-୨୭ ନିମନ୍ତେ ନିଜର ଆଇ.ଟି.ଆର.-୧ ଏବଂ ଆଇ.ଟି.ଆର.-୨, ୩୧ ଜୁଲାଇ, ୨୦୨୬ ପୂର୍ବରୁ ଦାଖଲ କରନ୍ତୁ । ବିଭାଗ କହିଛି ଯେ http://incometax.gov.in କୁ ଯାଆନ୍ତୁ ଏବଂ କୌଣସି ଜୋରିମାନା ବିନା ଜୁଲାଇ ୩୧ ପୂର୍ବରୁ ଆପଣଙ୍କ ଆୟକର ରିଟର୍ଣ୍ଣ (ଆଇ.ଟି.ଆର.) ଦାଖଲ କରନ୍ତୁ । ଆୟକର ବିଭାଗ କହିଛି ଯେ, ଅଧିକାଂଶ ବେତନଭୋଗୀ ଏବଂ ବ୍ୟକ୍ତିଗତ ଟିକସଦାତା ଜୁଲାଇ ୩୧ ଅନ୍ତିମ ତାରିଖ ଏବଂ ସମୟକୁ




ଏଡ଼ାଇବା ପାଇଁ ସରକାରୀ ଆୟକର ଇ-ଫାଇଲିଂ ପୋର୍ଟାଲକୁ ଯାଇ ସେମାନଙ୍କର ରିଟର୍ଣ୍ଣ ଦାଖଲ କରିବା ଆବଶ୍ୟକ । ଯଦି ଆପଣ ଜୁଲାଇ ୩୧ର ସମୟସୀମା ଅତିକ୍ରମ କରନ୍ତି, ତେବେ ଆପଣଙ୍କ ପାଖରେ ବିଳମ୍ବରେ ରିଟର୍ଣ୍ଣ ଦାଖଲ କରିବାର ବିକଳ୍ପ ରହିଛି, କିନ୍ତୁ ଏଥିରେ ବିଳମ୍ବ କଲେ ଆପଣଙ୍କୁ ଜୋରିମାନା, ଅତିରିକ୍ତ ସୁଧ ଏବଂ ଅନେକ ଟିକସ ଲାଭ ହରାଇବାକୁ ପଡିପାରେ । ଉଲ୍ଲେଖଯୋଗ୍ୟ ଯେ, ଆୟକର ଅଧିନିୟମ, ୧୯୬୧ ର ଧାରା ୧୩୯ (୪) ଅନୁଯାୟୀ, ଯେଉଁ ଟିକସଦାତାମାନେ ଧାର୍ଯ୍ୟ ତାରିଖ ସୁଦ୍ଧା ରିଟର୍ଣ୍ଣ ଦାଖଲ କରିବାକୁ ସକ୍ଷମ ନୁହଁନ୍ତି, ସେମାନେ ୩୧ ଡିସେମ୍ବର ୨୦୨୬ ସୁଦ୍ଧା କିମ୍ବା ମୂଲ୍ୟାଙ୍କନ ପ୍ରକ୍ରିୟା ସମାପ୍ତ ହେବା ପୂର୍ବରୁ ସେମାନଙ୍କର ବିଳମ୍ବ ରିଟର୍ଣ୍ଣ ଦାଖଲ କରିପାରିବେ ।

# ଆରମ୍ଭ ହେଲା ଅମରନାଥ ଯାତ୍ରା

ଜାମ୍ମୁ : ଖରାପ ପାଗ ଯୋଗୁଁ ଛଅ ଦିନ ପାଇଁ ଅଟକି ରହିଥିବା ବାର୍ଷିକ ଅମରନାଥ ଯାତ୍ରା ଶନିବାର ଦିନ ଜାମ୍ମୁରୁ ପୁନର୍ବାର ଆରମ୍ଭ ହୋଇଥିଲା । ଅଧିକାରୀମାନେ କହିଛନ୍ତି ଯେ ତୀର୍ଥଯାତ୍ରୀଙ୍କ ଏକ ନୂତନ ବ୍ୟାଚ୍, ୬,୦୦୦ ରୁ ଅଧିକ, କାଶ୍ମୀର ଉପତ୍ୟକାରେ ବାଲଟାଲ ବେସ୍ କ୍ୟାମ୍ପ ପାଇଁ ଭଗବତୀ ନଗର ବେସ୍ କ୍ୟାମ୍ପରୁ ବାହାରିଥିଲେ ।



ଜୁଲାଇ ୧୯ ତାରିଖରେ ଜାମ୍ମୁ-କାଶ୍ମୀରରେ ଲଗାଣ ବର୍ଷା ଏବଂ ଖରାପ ପାଗ କାରଣରୁ ସତର୍କତା ସ୍ୱରୂପ ଏହି ଯାତ୍ରାକୁ ସ୍ଥଗିତ ରଖାଯାଇଥିଲା । ୧ ମିଟର ଉଚ୍ଚ ପବିତ୍ର ଗୁମ୍ଫା ମନ୍ଦିରକୁ ଯାଉଥିବା ଦୁଇଟି ମାର୍ଗ-ଅନନ୍ତନାଗ ଜିଲ୍ଲାର ପାରମ୍ପାରିକ ୪୮ କିଲୋମିଟର ପହଲଗାମ ମାର୍ଗ ଏବଂ ଗାନ୍ଦେରବଲ ଜିଲ୍ଲାର ୧୪ କିଲୋମିଟର ଛୋଟ ବାଲଟାଲ ମାର୍ଗରେ ଏହି ପ୍ରତିବନ୍ଧକ ସ୍ୱତନ୍ତ୍ର ଭାବରେ ଲାଗୁ କରାଯାଇଥିଲା । ଅଧିକାରୀମାନେ କହିଛନ୍ତି ଯେ ତୀର୍ଥଯାତ୍ରୀଙ୍କ ୧୮ ତମ ବ୍ୟାଚରେ ୬,୨୬୯ ମହିଳା, ୨୫ ଜଣ ଶିଶୁ ଏବଂ ୫୪ ଜଣ ସାଧୁ ଅଛନ୍ତି । କଡ଼ା ସୁରକ୍ଷା ମଧ୍ୟରେ ୨୨୩ଟି ଯାନର କନଭୟ ସକାଳ ପ୍ରାୟ ୨ଟା ୪୦ ମିନିଟରେ ବାଲଟାଲ ବେସ୍ କ୍ୟାମ୍ପ ଅଭିମୁଖେ ଯାତ୍ରା କରିଥିଲା । ସେ କହିଛନ୍ତି ଯେ ପହଲଗାମ ମାର୍ଗକୁ କୌଣସି କନଭୟ ପଠାଯାଇନାହିଁ । ଅଧିକାରୀମାନେ କହିଛନ୍ତି ଯେ ପାଣିପାଗରେ ଉନ୍ନତି ଏବଂ ଭୂସ୍ଖଳନ ଏବଂ ଉଧମପୁର-ରାମବନ ଅଂଚଳରେ ଅନେକ ସ୍ଥାନରେ ପଥର ଫିଙ୍ଗିବା କାରଣରୁ ତିନି ଦିନ ବନ୍ଦ ରହିବା ପରେ ଜାମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ଯାତାୟାତ ପୁଣି ଆରମ୍ଭ ହୋଇଥିଲା । ଉପତ୍ୟକାରେ ବାର୍ଷିକ ଯାତ୍ରା ଆରମ୍ଭ ହେବାର ଗୋଟିଏ ଦିନ ପୂର୍ବରୁ ଜୁଲାଇ ୨ ରେ ଲେଫ୍ଟନାଂଟ ଗଭର୍ଣ୍ଣର ମନୋଜ ସିହ୍ନା ଭଗବତୀ ନଗର ବେସ୍ କ୍ୟାମ୍ପରୁ ତୀର୍ଥଯାତ୍ରୀଙ୍କ ପ୍ରଥମ ବ୍ୟାଚକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

# ନଭିମୁମ୍ବାଇର ଖାରଘରଠାରେ ବାହୁଡ଼ା ଯାତ୍ରା ସମ୍ପନ୍ନ

ନଭି ମୁମ୍ବାଇ : ନଭି ମୁମ୍ବାଇର ଖାରଘରଠାରେ ଅବସ୍ଥିତ ଏକମାତ୍ର ଜଗନ୍ନାଥ ମନ୍ଦିରରେ ପବିତ୍ର ବାହୁଡ଼ା ଯାତ୍ରା ପର୍ବ ଆଧ୍ୟାତ୍ମିକ ଉଲ୍ଲାସ ଓ ଭକ୍ତିପୂତ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ମହାରାଷ୍ଟ୍ର ଓଡ଼ିଆ କଲ୍ୟାଣ ସଙ୍ଘ (ମୋୱା) ଦ୍ୱାରା ଆୟୋଜିତ ଏହି ଭବ୍ୟ ମହୋତ୍ସବକୁ କେନ୍ଦ୍ର କରି ସମଗ୍ର ଖାରଘର ଇଲାକା ଜଗନ୍ନାଥମୟ ହୋଇଉଠିଥିବା ଦେଖାଯାଇଥିଲା । ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ପୁରା ପରିବେଶ ମୁଖରିତ ହେବା ସଙ୍ଗକୁ ମନ୍ତ୍ରର ସୁମଧୁର ନାଦରେ ଗଗନ ପବନ ପ୍ରକମ୍ପିତ ହୋଇଉଠିଥିବା ଲକ୍ଷ୍ୟ କରାଯାଇଥିଲା । ବଡ଼ି ଭୋରରୁ ଶ୍ରୀ ଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପରେ ବିରାଜମାନ କରୁଥିବା ଚାରି ଦୀଅଁ ମାନଙ୍କ ସାମ୍ନାରେ ପୂଜାର୍ଚ୍ଚନା ଓ ନୀତିକାନ୍ତି ଧାର୍ମିକ ବିଧି ମୁତାବକ ସମ୍ପନ୍ନ କରାଯାଇଥିଲା ।



ଦୁଇପହରରେ ଚାରି ଠାକୁରଙ୍କୁ ଧାଡ଼ି ପହଣ୍ଡି କରାଯାଇ ମନ୍ଦିର ସାମ୍ନାରେ ଦଣ୍ଡାୟମାନ ସୁସଜ୍ଜିତ ରଥ ଉପରକୁ ନିଆଯାଇଥିଲା । ରାଜକୀୟ ଠାଣିରେ କୋଟି ବ୍ରହ୍ମାଣ୍ଡର ମହାନାୟକ ଶ୍ରୀ ଜଗନ୍ନାଥ, ତାଙ୍କର ଜ୍ୟେଷ୍ଠ ଭ୍ରାତା ଶ୍ରୀ ବଳଭଦ୍ର, କନିଷ୍ଠ ଭଗ୍ନୀ ଦେବୀ ସୁଭଦ୍ରା ଏବଂ ପ୍ରଭୁ ସୁଦର୍ଶନଙ୍କର ରଥାରୂଢ଼ ହେବାର ଦୃଶ୍ୟ ବେଶ୍ ହୃଦୟସ୍ପର୍ଶୀ ଥିଲା । ମହାରାଷ୍ଟ୍ର ଓଡ଼ିଆ କଲ୍ୟାଣ ସଂଘର ସଭାପତି ଏବଂ ଟ୍ରଷ୍ଟି ତଥା ମୁଖ୍ୟ ସେବକ ଡକ୍ଟର ଭଗବାନ ପଣ୍ଡା ରଥ ଉପରେ ସୁବର୍ଣ୍ଣ ଝାଡୁରେ ଛେରାପହଁରା କାର୍ଯ୍ୟ ସମାପନ କରିଥିଲେ । ଏହାପରେ ଅପରାହ୍ନରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଉପସ୍ଥିତ ସହସ୍ରାଧିକ ଓଡ଼ିଆ ଓ ଅଣଓଡ଼ିଆ ଶ୍ରଦ୍ଧାଳୁ ଯେଉଁ ଅସୀମ ଉତ୍ସାହ, ଅଜସ୍ର ଉଲ୍ଲାସ ଓ ଅଦମ୍ୟ ଉଦ୍ଦୀପନା ସହିତ ରଥଟିକୁ ଟାଣି ଟାଣି ନେଉଥିଲେ, ତାହାର ଦୃଶ୍ୟ ଅଭୂତପୂର୍ବ ଥିଲା । ସନ୍ଧ୍ୟା ସମୟରେ ରଥ ମୁଖ୍ୟ ମନ୍ଦିର ସାମ୍ନାରେ ପହଂଚିଥିଲା । ଏଠାରେ ଏବେ ଠାକୁର ମାନେ ରଥ ଉପରେ ରହି ସର୍ବସାଧାରଣ ଙ୍କୁ ଦର୍ଶନ ଦେବେ ବୋଲି ଜଣାଯାଇଛି । ବାହୁଡ଼ା ଯାତ୍ରା ଉତ୍ସବର ବିଶେଷ ଆକର୍ଷଣ ଭାବରେ 'ମୋୱା' ତରଫରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପ୍ରସିଦ୍ଧ ଗାୟକ ଶ୍ରୀଚରଣ ମହାନ୍ତିଙ୍କର ସୁମଧୁର ଭଜନ ପରିବେଷଣ ସାଙ୍ଗକୁ ମହାପ୍ରସାଦର ମହମହ ସୁଗନ୍ଧ ଶ୍ରଦ୍ଧାଳୁମାନଙ୍କୁ ନିବିଡ଼ ସୂତ୍ରରେ ବାନ୍ଧି ରଖିବାର ଅନୁଭୂତି ଅଲୌକିକ ଥିଲା ।

# ଜିମ୍ବାୱେ ବିପକ୍ଷରେ ୯୦ ରନ୍‌ରେ ଜିତିଲା ଭାରତ

ହରାରେ: ଜିମ୍ବାୱେ ବିପକ୍ଷରେ ଭାରତ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ୯୦ ରନ୍‌ରେ ବିଜୟ ହାସଲ କରିଛି । ହରାରେ ସ୍ପୋର୍ଟ୍‌ସ କ୍ଲବରେ ଶନିବାର ଦିନ ପ୍ରଥମେ ବ୍ୟାଟିଂ କରି ଭାରତ ୨୧୯ ରନ୍ ସଂଗ୍ରହ କରିଥିଲା । ଜବାବରେ ପୁରା ଜିମ୍ବାୱେ ଦଳ ୧୭.୫ ଓଭରରେ ୧୨୯ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା । ଭାରତ ପକ୍ଷରୁ ଅଭିଷେକ ଶର୍ମା ସର୍ବାଧିକ ୩ଟି ୱିକେଟ୍ ଅକ୍ତିଆର କରିଥିଲେ । ଯଶ ଠାକୁର ଏବଂ ପ୍ରିନ୍ସ ଯାଦବଙ୍କୁ ୨ଟି ଲେଖାଏଁ ୱିକେଟ୍ ମିଳିଥିଲା । ରବି ବିଷ୍ଣୋୟୀ, ଶିଭବ ଦୁବେ ଏବଂ ତିଲକ ବର୍ମା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ । ଏହି ମୁକାବିଲାରେ ଘରୋଇ ଦଳ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା । ଇଶାନ କିଶନ ଏବଂ




ତିଲକ ବର୍ମାଙ୍କ ବିସ୍ଫୋରକ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୨୧୯ ରନ୍ ସଂଗ୍ରହ କରିଥିଲା । ଭାରତ ପାଇଁ ଇନିଂସ ଆରମ୍ଭ କରିଥିଲେ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ଏବଂ ଅଭିଷେକ ଶର୍ମା । ଉଭୟ ପ୍ରଥମ ୱିକେଟ୍ ପାଇଁ ୧୦ ରନ୍ ସଂଗ୍ରହ କରିଥିଲେ । ଅଭିଷେକ ୮ଟି ବଲ୍ ଖେଳି ୮ ରନ୍ ସଂଗ୍ରହ କରିଥିଲେ । ସେ ଆଉଟ୍ ହେଲା ପରେ ପଡ଼ିଆକୁ ପ୍ରବେଶ କରିଥିଲେ ଇଶାନ କିଶନ । ଇଶାନ କିଶନ ଦଳ ପାଇଁ ବିସ୍ଫୋରକ ବ୍ୟାଟିଂ କରିଥିଲେ, ଯିଏକି ୪୪ଟି ବଲ୍ ଖେଳି ୮୧ ରନ୍ ସଂଗ୍ରହ କରିଥିଲେ । ଏଥିରେ ୯ଟି ଚୌକା ଏବଂ ୨ଟି ଛକା ସାମିଲ କରିଥିଲେ । ତିଲକ ବର୍ମା ଅପରାଜିତ ରହି ୬୦ ରନ୍ ସଂଗ୍ରହ କରିଥିଲେ । ଏଥିରେ ୫ଟି ଚୌକା ଏବଂ ୩ଟି ଛକା ସାମିଲ ଥିଲା । ଅଧିନାୟକ ଶ୍ରେୟସ ଆୟର ୨୦ଟି ବଲ୍ ଖେଳି ୪ଟି ଚୌକା ସହାୟତାରେ ୨୫ ରନ୍ ସଂଗ୍ରହ କରିଥିଲା ବେଳେ ବୈଭବ ସୂର୍ଯ୍ୟବଂଶୀ ୨୦ ରନ୍ କରିଥିଲେ । ଯୁବ ବ୍ୟାଟର ଶୁଭବ ଦୁବେ ଅପରାଜିତ ୬ ରନ୍ ସଂଗ୍ରହ କରିଥିଲେ । ଜିମ୍ବାୱେ ପାଇଁ ବ୍ଲେସିଂ ମୁଜରୱାନି, ରିଚାର୍ଡ ନଗ୍ରାଭା, ବ୍ରେଡ୍ ଇଭାନ, ନ୍ୟୁମାନ ନ୍ୟାମହୁରି ଏବଂ ବ୍ରେନ୍ ବେନେଟ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ ।

# ବୁମରାହଙ୍କ ସହ ୮ ଷ୍ଟାର କ୍ରିକେଟର ଖେଳିବେନି ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜ

ନୂଆଦିଲ୍ଲୀ : ସେପ୍ଟେମ୍ବର-ଅକ୍ଟୋବରରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତ ଖେଳିବାକୁ ଯାଉଛି ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ । ତେବେ ସବୁଠାରୁ ବଡ଼ କଥା ହେଲା ଭାରତୀୟ ଟିମ୍‌ର ବହୁ ଷ୍ଟାର ଖେଳାଳି ଏଥିରେ ଖେଳିବେନି । ଏହାର କାରଣ ହେଉଛି ଏସିଆନ୍ ଗେମ୍ସ ୨୦୨୬ । କ୍ରିକେଟ୍ ପ୍ରତିଯୋଗିତା ଓ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିନିକିଆ ସିରିଜ୍ ପ୍ରାୟ ଗୋଟିଏ ସମୟରେ ହିଁ ଆୟୋଜିତ ହେବ । ଭାରତ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜ୍ ସେପ୍ଟେମ୍ବର ୨୭ ରୁ ଅକ୍ଟୋବର ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି । ଜାପାନରେ ହେବାକୁ ଥିବା ଏସିଆନ୍ ଗେମ୍ସରେ ପୁରୁଷ କ୍ରିକେଟ୍ ପ୍ରତିଯୋଗିତା ସେପ୍ଟେମ୍ବର ୨୪ରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ଚାଲିବ । ଦୁଇଟି ଟୁର୍ଣ୍ଣାମେଂଟର ମୁକାବିଲା ତାରିଖ ଯୋଗୁଁ, ଭାରତୀୟ ଚୟନକର୍ତ୍ତାଙ୍କୁ ଦୁଇଟି ପୃଥକ ଦଳ



ସ୍କ୍ୱାର୍ଡ ପ୍ରସ୍ତୁତ କରିବାକୁ ହେବ । ଏସିଆନ୍ ଗେମ୍ସ ପାଇଁ ଚୟନ ହୋଇଥିବା ଭାରତୀୟ ଟି-୨୦ ଟିମ୍ ସାମିଲ ୮ ଖେଳାଳି ୱେଷ୍ଟଇଣ୍ଡିଜ୍ ବିପକ୍ଷ ୱାନଡେ୍ ସିରିଜ୍ରେ ଉପଲବ୍ଧ ହେବନି । ଏହି ସୂଚୀରେ ଶ୍ରେୟସ ଆୟର,ଜସପ୍ରୀତ ବୁମରାହ, ଇଶାନ କିଶନ, ଅକ୍ଷର ପଟେଲ, ୱାଶିଂଟନ୍ ସୁନ୍ଦର, ଅର୍ଶଦ୍ୱୀପ ସିଂହ, ହର୍ଷିତ ରାଣା ଓ ନୀତୀଶ କୁମାର ରେଡ୍ଡୀ ସାମିଲ ଅଛନ୍ତି । ଏଥିରେ ଶ୍ରେୟସ ଆୟର, ଜସପ୍ରୀତ ବୁମରାହ, ଇଶନ, କିଶନ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର ଓ ଅର୍ଶଦ୍ୱୀପ ସିଂହ ନିକଟରେ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍ରେ ଭାରତୀୟ ଟିମ୍ ପକ୍ଷରୁ ଖେଳୁଥିଲେ । ସେଭଳି ନୀତୀଶ କୁମାର ରେଡ୍‌ହୀ ଓ ହର୍ଷିତ ରାଣା ଆଘାତ କାରଣରୁ ସିରିଜ୍ରେ ଖେଳୁନଥିଲେ । ୮ ପ୍ରମୁଖ ଖେଳାଳିଙ୍କ ଅନୁପସ୍ଥିତିରେ ସିଲେକ୍ଟରଙ୍କ ପାଇଁ ଚ୍ୟାଲେଞ୍ଜ ନିହାତି ରହିବ, କିନ୍ତୁ ଏହାଦ୍ୱାରା କିଛି ଯୁବ ଓ ଅନୁଭବୀ ଖେଳାଳିଙ୍କ ପାଇଁ ଭାରତୀୟ ଟିମ୍‌ରେ ସ୍ଥାନ ପାଇବାର ସୁବର୍ଣ୍ଣ ସୁଯୋଗ ମଧ୍ୟ ମିଳିଯିବ । ଏଭଳି ଖେଳାଳିଙ୍କ ଭିତରେ ଯଶସ୍ୱୀ ଜୟସୱାଲ, ରୁତୁରାଜ ଗାୟକୱାଡ, ରବିନ୍ଦ୍ର ଜାଡେଜା, ମହମ୍ମଦ ସିରାଜ, ହର୍ଷ ଦୁବେ, ପ୍ରିନ୍ସ ଯାଦବ, ଗୁରୁନର ବରାର ଓ ଆୟୁଷ ବଦୋନି ମଧ୍ୟ ରହିଛନ୍ତି । ଏଥିରେ କିଛି ଖେଳାଳିଙ୍କୁ ୱାନଡେ ଖେଳିବାର ଖୁବ୍ ଅନୁଭବ ରହିଛି । ସେଭଳି ଆଉ କିଛି ନିକଟରେ ଭାରତୀୟ ଟିମ୍ ସହ ମଧ୍ୟ ଯୋଡି ହୋଇଛନ୍ତି । ଏସିଆନ୍ ଗେମ୍ସ ୨୦୨୬ ରେ ଶ୍ରେୟସ ଆୟର ଭାରତର କ୍ୟାପଟେନ୍ ରହିବେ । ସେଭଳି ତିଳକ ବର୍ମା ଭାଇସ୍-କ୍ୟାପଟେନ୍ ରହିବେ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**